
ମାଲ୍ୟବନ୍ତ ମହୋତ୍ସବର କଳସ ଶୋଭାଯାତ୍ରାରେ ସାମିଲ ହୋଇଥିବା ଜନସାଧାରଣ ।


କଳାକାରମାନେ କୋୟା ନୃତ୍ୟ ପରିବେଷଣ କରୁଛନ୍ତି ।


ଶୋଭାଯାତ୍ରାରେ ସମ୍ବଲପୁରର ଘଣ୍ଟବାଦ୍ୟ ପରିବେଷଣ କରାଯାଉଛି ।

# ମାଲକାନଗିରି ହେବ ରାଜ୍ୟର ସର୍ବଶ୍ରେଷ୍ଠ ଜିଲା

**ମାଲକାନଗିରି, ୧୫।୧ (ଡି.ଏନ୍.ଏ.)**

ମାଲ୍ୟବନ୍ତ ମହୋତ୍ସବର ମୁଖ୍ୟ ଉତ୍ସବ ରବିବାର ମାଲକାନଗିରି ସଦରମହକୁମାରେ ଆରମ୍ଭ ହୋଇଛି। ପୂର୍ବାହ୍ନରେ ଆମାକୁଣ୍ଡରୁ ସଂଗ୍ରହ କରାଯାଇଥିବା ଜଳ ଜଗନ୍ନାଥ ମନ୍ଦିରରୁ ପୂଜାର୍ଚ୍ଚନା ପରେ ଏକ ଶୋଭାଯାତ୍ରାରେ ଡିଏନ୍‌କେ ଖେଳପଡିଆ ମୁଖ୍ୟ ମଣ୍ଡପକୁ ନିଆଯାଇଥିଲା। କଳସ ଶୋଭାଯାତ୍ରାରେ ବ୍ରହ୍ମପୁର, ସମ୍ବଲପୁର, କଳାହାଣ୍ଡି, ପୁରୀରୁ ଆସିଥିବା ବିଭିନ୍ନ ସାଂସ୍କୃତିକ ଦଳ ସହ ମାଲକାନଗିରି ଜିଲାର କୋୟା, ଡିଡାୟୀ, ବଣ୍ଡା, ଦୁରୁଆ, ପରଜା ଜନଜାତିଙ୍କ ପାରମ୍ପରିକ ନୃତ୍ୟ ଗୀତରେ ସହର ପ୍ରକମ୍ପିତ ହୋଇଉଠିଥିଲା। ସ୍ୱୟଂସହାୟକ ଗୋଷ୍ଠୀଙ୍କ ଶଙ୍ଖ ଧ୍ୱନି, ହୁଳହୁଳିରେ ମୁଖ୍ୟମଣ୍ଡପରେ ଜଳକଳସ ସ୍ଥାପନ କରାଯାଇଥିଲା।

ଜିଲାପାଳ ବିଶାଳ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଇସ୍ପାତ, ଖଣି ଓ ପୂର୍ତ୍ତବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ସ୍ୱତନ୍ତ୍ର ବିକାଶ ପରିଷଦ ଉପଦେଷ୍ଟା ପ୍ରଦୀପ ମାଝି, ଅଧ୍ୟକ୍ଷ ଆଡମା ରାବା, ଏମ୍‌ପି ରମେଶ ମାଝି, ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ି, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲ ଯୋଗ ଦେଇଥିଲେ। ମାଲକାନଗିରି ଜିଲା ଆଜି ସମଗ୍ର ରାଜ୍ୟରେ ଏକ ପ୍ରଗତିର ଜିଲା ରୂପେ ପରିଚିତ। ଆଗାମୀ ଦିନରେ ମାଲକାନଗିରି ଜିଲାକୁ ରାଜ୍ୟର ସର୍ବଶ୍ରେଷ୍ଠ ଜିଲାରେ ପରିଣତ କରାଯିବ ବୋଲି ମୁଖ୍ୟଅତିଥି ମଲ୍ଲିକ କହିଥିଲେ। ମାଲ୍ୟବନ୍ତ ମହୋତ୍ସବର ପରମ୍ପରା, ଐତିହ୍ୟ ଉପରେ ଆଲୋକପାତ କରି ଲୁକ୍କାୟିତ କଳା ସଂସ୍କୃତିକୁ ଲୋକଲୋଚନକୁ ଆଣିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅନ୍ୟ ଅତିଥିମାନେ ମତବ୍ୟକ୍ତ କରିଥିଲେ। ପୂର୍ବତନ ଏମ୍‌ପି ତଥା ସ୍ୱତନ୍ତ୍ର ଉନ୍ନୟନ ବିକାଶ ପରିଷଦ ଉପଦେଷ୍ଟା ପ୍ରଦୀପ ମାଝି, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ି, ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲ, ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ଆଡମା ରାବା, ଜିଲାପାଳ ବିଶାଳ ସିଂ, ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ, ଉପଜିଲାପାଳ ଅକ୍ଷୟ ଖେମୁଣ୍ଡୁ, ଆଇଟିଡିଏ ପ୍ରଶାସକ ତ୍ରିନାଥ ମାଝି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବଳଭଦ୍ର ଦୀପ, ପୌରାଧ୍ୟକ୍ଷ ମନୋଜ ବାରିକଙ୍କ ସହ ବିଭିନ୍ନ ରାଜନୈତିକ ଦଳ, ପ୍ରଶାସନିକ ଅଧିକାରୀ, ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ରତ୍ନାକର ସାହୁ, ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ, ଉପଜିଲାପାଳ ଅକ୍ଷୟ ଖେମୁଣ୍ଡୁ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଭୁବନେଶ୍ୱରର ଓଡ଼ିଶୀ ନୃତ୍ୟ, ମାଲକାନଗିରିର ବଣ୍ଡା ଓ କୋୟା ନୃତ୍ୟ, ହରିୟାଣାର ଲୋକନୃତ୍ୟ, ଗଞ୍ଜାମର ରଣପା ନୃତ୍ୟ, ଆସାମର ବିହୁ ନୃତ୍ୟ, ମାଲକାନଗିରି ଜିଲା ତର୍ଣ୍ଣିକିର ଆଦିବାସୀ ନୃତ୍ୟ, ପୁରୀ ଶିଳ୍ପୀ ନାଟ୍ୟମଣ୍ଡଳର ଲୋକନୃତ୍ୟ, କୋରାପୁଟର ଢେମସା ନୃତ୍ୟ, କୋଲକାତାର ନୂପୁର ଡ୍ୟାନ୍ସ, କନ୍ଧମାଳର ଲୋକନୃତ୍ୟ, ଭଞ୍ଜନଗରର ପଶୁନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଶୁଭମ୍ ଓ ଦାହାନା ପରିଚାଳନା କରିଥିଲେ। ମାଲ୍ୟବନ୍ତ ମହୋତ୍ସବ ଅବସରରେ ପଲ୍ଲିଶ୍ରୀ ମେଳା ଆରମ୍ଭ ହୋଇଛି। ୫୦ରୁ ଊର୍ଦ୍ଧ୍ୱ ଷ୍ଟଲରେ ଏହା ୧୯ ତାରିଖ ଯାଏ ଚାଲିବ। ବିଭିନ୍ନ ବିଭାଗ ଓ ବ୍ୟାଙ୍କଗୁଡିକ ପକ୍ଷରୁ ଷ୍ଟଲମାନ ଉତ୍ସବରେ ଖୋଲିଛି। ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକ ଦ୍ୱାରା ବିଭିନ୍ନ ସାମଗ୍ରୀ ହଳଦୀ, ଧୂପକାଠି, ଝାଡ୍ରୁ, ଝୁଣା, ବିଭିନ୍ନ ପ୍ରକାର ପାମ୍ପଡ, ବଡି, ଆଚାର, ମାଣ୍ଡିଆ, କାଙ୍ଗୁ, ବାଜରା, ଜଙ୍ଗଲଜାତ ଦ୍ରବ୍ୟ ଆଦି ପ୍ରଦର୍ଶନ ଓ ବିକ୍ରି ହେଉଛି। ଏଥିସହ ପାଟବସ୍ତ୍ର, ସମ୍ବଲପୁରୀ ବସ୍ତ୍ର, ବିଭିନ୍ନ ଅଳଙ୍କାର, ସାମୁଦ୍ରିକ ସାମଗ୍ରୀ, ସୌଖୀନ ସାମଗ୍ରୀ, ଘର ଉପକରଣ ଷ୍ଟଲଗୁଡିକରେ ମିଳୁଛି।

**ମାଲ୍ୟବନ୍ତ ମୁଖ୍ୟ ମହୋତ୍ସବ**
- ନାଚଗୀତ, ବାଦ୍ୟ, ଆତସବାଜିରେ କମ୍ପିଲା ସହର
- କଳସ ଶୋଭାଯାତ୍ରାରେ ୧୦ ହଜାରରୁ ଊର୍ଦ୍ଧ୍ୱ ଜନସମାଗମ
- ୧୯ଯାଏ ଚାଲିବ ପଲ୍ଲିଶ୍ରୀ ମେଳା


କଳସ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିବା ସ୍କୁଲ ଓ କଲେଜ ଛାତ୍ରୀଛାତ୍ରମାନେ ।


ମାଲ୍ୟବନ୍ତ ମଞ୍ଚରେ କଳାକାରଙ୍କ ଓଡ଼ିଶୀନୃତ୍ୟ ।



ଉତ୍ସବରେ ମଞ୍ଚାସୀନ ଅତିଥି ।

**ସଂକ୍ଷେପରେ**

## ବିଧାୟକଙ୍କ ବିରୋଧରେ ନିନ୍ଦା ପ୍ରସ୍ତାବ ଗୃହୀତ

ବୋରିଗୁମ୍ମା,୧୫।୧(ଡି.ଏନ.ଏ.)- ଗତ କିଛି ଦିନ ତଳେ ସ୍ଥାନୀୟ ବିଧାୟକ ତାରାପ୍ରସାଦ ବାହିନୀପତି ପ୍ରଭୁ ଜଗନ୍ନାଥଙ୍କ ଉପରେ ଦେଇଥିବା ମନ୍ତବ୍ୟକୁ ସବୁ କ୍ଷେତ୍ରରେ ନିନ୍ଦା କରାଯାଉଛି। ରବିବାର ବୋରିଗୁମ୍ମା ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ମଧ ଏହାର ନିନ୍ଦା କରିଛି। ପରିଚାଳନା କମିଟିର ସଭାପତି କେ.ନାଗରାଜ ଦୋରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଧାୟକ ବାହିନୀପତି ଜଗନ୍ନାଥଙ୍କ ପ୍ରତି ଦେଇଥିବା କଟୁ ମନ୍ତବ୍ୟର ନିନ୍ଦା କରାଯାଇଥିଲା। ବିଧାୟକ ବିରୋଧରେ ଏକ ନିନ୍ଦା ପ୍ରସ୍ତାବ ଗୃହୀତ ହୋଇଥିଲା। ସର୍ବସାଧାରଣରେ ବାହିନୀପତି ପ୍ରଭୁ ଜଗନ୍ନାଥଙ୍କୁ କ୍ଷମା ମାଗନ୍ତୁ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା।

## ନୂଆ ଏସ୍‌ପିଙ୍କ ଖବରଦାତା ସମ୍ମିଳନୀ
## ନିୟମ ଅନୁଯାୟୀ କାର୍ଯ୍ୟ କରିବ ଜିଲା ପୋଲିସ

କୋରାପୁଟ,୧୫।୧(ସ୍ୱ.ପ୍ର.)- କୋରାପୁଟରେ ଯୋଗ ଦେଇଥିବା ନୂଆ ଏସ୍‌ପି ଅଭିନବ ସୋନାକର ଜିଲାର ସାମଗ୍ରିକ ବିକାଶ ନେଇ ଜିଲାର ଖବରଦାତାମାନଙ୍କ ସହଯୋଗ କାମନା କରିଛନ୍ତି। ସଂନ୍ଧ୍ୟାରେ ସ୍ଥାନୀୟ ଏସ୍‌ପି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ଜିଲାର ସାମଗ୍ରିକ ବିକାଶ ନେଇ ଗୁରୁତ୍ୱାରୋପ କରିଛନ୍ତି। ଜିଲାର ଟ୍ରାଫିକ ସମସ୍ୟା, ଜାତୀୟ ରାଜପଥ ଉଭୟ ପାର୍ଶ୍ୱରେ ହୋଇଥିବା ଜବରଦଖଲ, ସୀମାନ୍ତ କୋଟିଆ ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ପରିସ୍ଥିତି ସହିତ ଅନୁପ୍ରବେଶ ରୋକିବା ଉପରେ ଆଲୋଚନା ବେଳେ ସୋନାକର ଗୁରୁତ୍ୱ ଦେଇଥିଲେ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଓ ସମ୍ବିଧାନର ସୁରକ୍ଷା ଓ ନିୟମ ଅନୁଯାୟୀ ଜିଲା ପୋଲିସ କାର୍ଯ୍ୟ କରିବ ବୋଲି ସେ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉତ୍କଳ କେଶରୀ ଦାସ ଉପସ୍ଥିତ ଥିଲେ।

# ବହୁଜନ ସମାଜ ପାର୍ଟିର ଜିଲାସ୍ତରୀୟ ବୈଠକ

**ବୈପାରିଗୁଡା,୧୫।୧ (ଡି.ଏନ୍.ଏ.)**

ବହୁଜନ ସମାଜପାର୍ଟିର ଜିଲା ସ୍ତରୀୟ ବୈଠକ ରବିବାର ସ୍ଥାନୀୟ ହାଟପଦାଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସଭାପତି ଜଗବନ୍ଧୁ ମାର୍ଣ୍ଡି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ରାୟଗଡା ସେକ୍ଟର ପ୍ରଭାରୀ ଶରତ ନାୟକ, ସମ୍ମାନିତ ଅତିଥି ରୂପେ ସେକ୍ଟର କୋର୍ଡିନେଟର ସଦା ନାୟକ, ଜିଲା ଉପସଭାପତି ବାସୁ ନାୟକ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋଟପାଡ ବିଧାନସଭା ପ୍ରଭାରୀ ସାହୁ ଟାକ୍ରି, ଜିଲା ସମ୍ପାଦକ ସୁରେନ୍ଦ୍ର ଖିଲ ,ବ୍ଲକ ଉପସଭାପତି ହରି ହନ୍ତାଳ, ଶୁକଦାସ ଖିଲ ଓ ଅଭି ଖରା ଯୋଗଦେଇ ଦଳର ସାଙ୍ଗଠନିକ ସ୍ଥିତି ଉପରେ ଆଲୋଚନା କରିଥିଲେ। ବୈଠକରେ ଆଗାମୀ ସାଧାରଣ ନିର୍ବାଚନରେ ପାର୍ଟି ଭଲ ପ୍ରଦର୍ଶନ କରିବା ନେଇ ଯୋଜନା ପ୍ରସ୍ତୁତ ହୋଇଥିଲା।


ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ ।

# ପାନ ଦୋକାନରେ ଅଗ୍ନିକାଣ୍ଡ

**ଜୟପୁର, ୧୫।୧(ନି.ପ୍ର.)**

ଜୟପୁର ସଦର ଥାନା ଅନ୍ତର୍ଗତ ଫାମ୍ପୁଣି ହାଟପଦାଠାରେ ଥିବା ଏକ ପାନ ଦୋକାନରେ ରବିବାର ନିଆଁ ଲାଗିଯାଇଛି। ଦୋକାନ ମାଲିକ ରସିକ ପରଜା କେହି ଦୁର୍ବୃତ୍ତ ଦୋକାନରେ ନିଆଁ ଲଗାଇ ଦେଇଥିବା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ତଦନ୍ତ ପରେ ସତ୍ୟାସତ୍ୟ ସ୍ପଷ୍ଟ ହେବ ବୋଲି ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି ।

# ମୃତ ରାଜମିସ୍ତ୍ରିଙ୍କ ପରିବାରକୁ ଆର୍ଥିକ ସହାୟତା

**ପାପଡ଼ାହାଣ୍ଡି,୧୫।୧(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ସଦର ମହୁକୁମା ରାଜମିସ୍ତ୍ରୀ ସଂଘ ପକ୍ଷରୁ ରବିବାର ସଂଘର ମୃତ ସଦସ୍ୟଙ୍କ ପରିବାରକୁ ପୋଷାକ ବଣ୍ଟନ କରାଯାଇଥିଲା। ରାଜମିସ୍ତ୍ରୀ ସଂଘ ସଭାପତି ଈଶ୍ୱର ନାୟକଙ୍କ ସଭାପତିତ୍ୱରେ ସଂଘର ପୂର୍ବତନ ସଭାପତି ମାଧବ ନାୟକ, ବ୍ଲକ ସାମ୍ବାଦିକ ସଂଘ ସଭାପତି ଏନ୍. ଜନାର୍ଦ୍ଦନ ରାଓ ପ୍ରମୁଖ ମଞ୍ଚାସୀନ ଥିଲେ। ପାପଡାହାଣ୍ଡି ରାଜମିସ୍ତ୍ରୀ ସଂଘର ଗତ ବର୍ଷରେ ୧୦ ଜଣ ସଦସ୍ୟଙ୍କ ମୃତ୍ୟୁ ହୋଇଥିଲା। ସେମାନଙ୍କ ପୁଅ ଝିଅଙ୍କୁ ପୋଷାକ ଦେବା ସହ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ନରସିଂହ ନାୟକ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଫୁଲ୍ଲ ନାୟକ, ଅରୁଣ କୁମାର ଦଣ୍ଡସେନା, ସନ୍ତୁ ଭତରା, ହରିହର ନାୟକ, କରୁଣାକର ଦଳେଇ ପ୍ରମୁଖ ସହଯୋଗ କରିଥିଲେ।

# ମକର ସଂକ୍ରାନ୍ତି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ

**ଜୟପୁର, ୧୫।୧(ନି.ପ୍ର.)**

ଜୟପୁର ନାରାୟଣୀ କଲେଜ ପରିସରରେ ମକର ସଂକ୍ରାନ୍ତି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବିଧାୟକ ତାରାପ୍ରସାଦ ବାହିନୀପତି ମୁଖ୍ୟ ଅତିଥିଭାବେ ଯୋଗଦେଇ ତେଲୁଗୁ ସମ୍ପ୍ରଦାୟର ଲୋକଙ୍କୁ ମକର ସଂକ୍ରାନ୍ତି ଓ ପୋଙ୍ଗଲ ଅବସରରେ ଶୁଭେଚ୍ଛା ଜଣାଇଥିଲେ। କଂଗ୍ରେସ ଜିଲା ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି ଉପସ୍ଥିତ ଥିଲେ। ହାଇଦ୍ରାବାଦ କଳାକାରଙ୍କ ଦ୍ୱାରା ମେଲୋଡି କାର୍ଯ୍ୟକ୍ରମ ହୋଇଥିବା ବେଳେ ବ୍ରହ୍ମପୁରର ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ ନୃତ୍ୟ ପରିବେଷଣ କରିଥିଲେ।

# ସାମ୍ବିଧାନିକ କର୍ତ୍ତବ୍ୟ, ଅଧିକାର ସମ୍ପର୍କିତ ଆଇନ ସଚେତନତା ଶିବିର

**ଜୟପୁର,୧୫।୧ (ନି.ପ୍ର.)**

ଜିଲା ଆଇନ ସେବା ପ୍ରାଧିକରଣ, କୋରାପୁଟ- ଜୟପୁର ପକ୍ଷରୁ ସୌରଗୁଡ଼ା ବିଦ୍ୟାଳୟଠାରେ ସାମ୍ବିଧାନିକ କର୍ତ୍ତବ୍ୟ ଓ ଅଧିକାର ସମ୍ପର୍କିତ ଆଇନ ସଚେତନତା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାଧିକରଣ ସଚିବ ତଥା ବିଚାରପତି ସୁମନ ଜେନା, ପାନେଲ ଓକିଲ ଗୁପ୍ତ ସାବତ, ସୌରଗୁଡ଼ା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କମଳା କୁମାରୀ ଦାଶ, ପାରାଲିଗାଲ ସ୍ୱେଚ୍ଛାସେବୀ ରାଜଲକ୍ଷ୍ମୀ ପରିଡ଼ାଙ୍କ ସହ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର, ଅଙ୍ଗନୱାଡି କର୍ମୀ ଏବଂ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

ସେହିପରି ଗୁରୁବାର ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ କୁମ୍ଭାରପୁଟ ଗ୍ରାମରେ ହୋଇଥିଲା। ଏହି ଶିବିରରେ ପ୍ରାଧିକରଣ ସଚିବ ବିଚାରପତି ସୁମନ ଜେନା, ପାରାଲିଗାଲ ସ୍ୱେଚ୍ଛାସେବୀ ଏବଂ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ। ସଚେତନତା ଶିବିରରେ ବାଲ୍ୟବିବାହ, କିଶୋର ନ୍ୟାୟ ଅଧିନିୟମ, ବାଧ୍ୟତାମୂଳକ ଶିକ୍ଷାଗତ ଅଧିକାର ଅଧିନିୟମ, କନ୍ୟା ସନ୍ତାନର ମହତ୍ତ୍ୱ ସହ ଅନ୍ୟାନ୍ୟ ବିଷୟରେ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା। ଏଥିସହ ପ୍ରାଧିକରଣ ପକ୍ଷରୁ ପ୍ରଦାନ କରାଯାଉଥିବା ବିଭିନ୍ନ ପ୍ରକାର ଆଇନ ସହାୟତା ଯଥା ପ୍ରାକ୍ ମକଦ୍ଦମା ସହାୟତା, ବନ୍ଦୀମାନଙ୍କ ଅଧିକାର, ମଧ୍ୟସ୍ଥତା, ଆପୋସ ମିଳାମିଶା ମାଧ୍ୟମରେ ମାମଲାର ସମାଧାନ ସମ୍ପର୍କରେ ସଚିବ ଜେନା ଗ୍ରାମବାସୀଙ୍କୁ ବୁଝାଇଥିଲେ।

# ସ୍ମାର୍ଟ କ୍ଲାସ୍‌ରୁମ୍‌ରେ ପିଲା ବସିବାକୁ ବେଞ୍ଚ ନାହିଁ

**ବୈପାରିଗୁଡ଼ା,୧୫।୧ (ଡି.ଏନ୍.ଏ.)**

ହାଇସ୍କୁଲ ଛାତ୍ରୀଛାତ୍ରଙ୍କୁ ଅତ୍ୟାଧୁନିକ ଶୈଳୀରେ ଶିକ୍ଷା ଦେବା ଉଦ୍ଦେଶ୍ୟରେ ସରକାର ୫-ଟି ଯୋଜନାରେ ସ୍କୁଲଗୁଡ଼ିକୁ ସାମିଲ କରିଛନ୍ତି। ସ୍ମାର୍ଟ ଶ୍ରେଣୀକକ୍ଷ ବ୍ୟବସ୍ଥା କରାଯାଇଛି। ସେଠାରେ ପିଲାଙ୍କ ପଢ଼ିବା ପାଇଁ ସ୍ମାର୍ଟବୋର୍ଡର ବ୍ୟବସ୍ଥା ରହିଛି। ଇଣ୍ଟରନେଟ୍ ସଂଯୁକ୍ତ ଉକ୍ତ ସ୍ମାର୍ଟବୋର୍ଡରେ ପିଲାମାନେ ଅଡିଓ ଏବଂ ଭିଜୁଆଲରେ ପାଠ୍ୟ ବିଷୟ ଅତି ସହଜରେ ବୁଝିପାରିବେ। ମାତ୍ର ବାସ୍ତବ କ୍ଷେତ୍ରରେ ଉକ୍ତ ଯୋଜନାରେ ଅନେକ ଅବ୍ୟବସ୍ଥା ଥିବା ନଜରକୁ ଆସୁଛି। ଏହାର ଏକ ଉଦାହରଣ ବୈପାରିଗୁଡ଼ା ବ୍ଲକ ସଦର ମହକୁମାରେ ଥିବା ବ୍ଲକର ପୁରାତନ ହାଇସ୍କୁଲ । ଦ୍ୱିତୀୟ ପର୍ଯ୍ୟାୟରେ ରାଜ୍ୟ ସରକାର ଗତ ଜୁନ ୫ରେ ଉକ୍ତ ହାଇସ୍କୁଲ ସମେତ ବ୍ଲକର ୯ଟି ହାଇସ୍କୁଲକୁ ୫-ଟିରେ ସାମିଲ କରିଥିଲେ।

ଉକ୍ତ ଯୋଜନାରେ ହାଇସ୍କୁଲକୁ ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ର ପଢ଼ିବାକୁ ୨ଟି ସ୍ମାର୍ଟ ଶ୍ରେଣୀ କକ୍ଷ, ଗୋଟିଏ ଇ ଲାବ୍ ଓ ଗୋଟିଏ ଇ-ଲାଇବ୍ରେରି ରହିଛି। ତେବେ ଦଶମ ଶ୍ରେଣୀରେ ୨୧୫ ଜଣ ଛାତ୍ରୀଛାତ୍ର ଥିବା ବେଳେ ୨ଟି ସେକ୍ସନ କରାଯାଇଛି । ସେକ୍ସନ 'ଏ'ରେ ୧୦୭ ଜଣ ଏବଂ ସେକ୍ସସନ 'ବି'ରେ ୧୦୮ ଜଣ ଅଧ୍ୟୟନ କରୁଛନ୍ତି। ସେହିପରି ନବମ ଶ୍ରେଣୀରେ ୨୬୧ ଛାତ୍ରୀଛାତ୍ର ଅଛନ୍ତି। ସେମାନଙ୍କୁ ୩ଟି ସେକ୍ସନରେ ଭାଗ କରାଯାଇଛି । ସେକ୍ସନ 'ଏ'ରେ ୯୦, 'ବି'ରେ ୯୧ ଓ 'ସି'ରେ ୮୦ ଜଣ ରହିଛନ୍ତି। ପିଲାଙ୍କ ପାଇଁ ପ୍ରତ୍ୟେକ ଶ୍ରେଣୀ କକ୍ଷରେ ୨୦ଟି ବେଞ୍ଚ ପଡ଼ିବାର ବ୍ୟବସ୍ଥା ରହିଛି। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସୂଚନା ଅନୁସାରେ ଦଶମ ଶ୍ରେଣୀ ପିଲାଙ୍କୁ ଦିନେ ଛାଡ଼ି ଦିନେ ସେକ୍ସନ ଅଦଳବଦଳ କରି ସ୍ମାର୍ଟ କ୍ଲାସ୍‌ରୁମ୍‌ରେ ଶିକ୍ଷାଦାନ କରାଯାଉଛି। ନବମ ଶ୍ରେଣୀ ପିଲାଙ୍କୁ ପ୍ରତି ୩ ଦିନରେ ଥରେ ପ୍ରତି ସେକ୍ସନ ପିଲାଙ୍କୁ ରୋଟେସନ କରି ସ୍ମାର୍ଟରୁମ୍‌ରେ ବସାଯାଉଛି। ଅନ୍ୟ ଦିନରେ ସମସ୍ତଙ୍କୁ ନର୍ମାଲ କ୍ଲାସ୍‌ରୁମ୍‌ରେ ବସାଇ ଶିକ୍ଷାଦାନ କରାଯାଉଛି। ତେବେ ସ୍ମାର୍ଟ କ୍ଲାସ୍‌ରୁମ୍‌ରେ ପ୍ରତି ବେଞ୍ଚରେ ୨ ଜଣ ପିଲା ବସିବା ସୁବିଧା ଥିବା ବେଳେ ଏତେ ସଂଖ୍ୟକ ପିଲା କିପରି ବସୁଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦଶମ ଶ୍ରେଣୀରେ ଅଧିକ ୪ଟି ବେଞ୍ଚ ଆଡ୍‌ଜଷ୍ଟ କରାଯାଇଥିବାବେଳେ ଆଉ ବେଞ୍ଚ ପକାଇବାକୁ ସ୍ଥାନ ନାହିଁ। ନବମ ଶ୍ରେଣୀରେ ମଧ ଅନୁରୂପ ଅବସ୍ଥା । ଏ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ମମତା ସଏଙ୍କୁ ପଚାରିବାରୁ ସେ କହିଲେ, ପିଲାଙ୍କୁ ଆଡ୍‌ଜେଷ୍ଟମେଣ୍ଟ କରି ବସାଯାଉଛି। ବେଞ୍ଚରେ ୨ ଜଣ ବଦଳରେ ୩ ଜଣଙ୍କୁ ବସାଯାଉଛି। ଜାଗା ନ ହେଲେ ତଳେ ମଧ ବସାଇବାକୁ ପଡୁଛି। ସେହି ହିସାବରେ ୨୪ ବେଞ୍ଚରେ ୭୨ ଜଣ ଛାତ୍ରୀଛାତ୍ର ବସିଲେ ବାକି ପିଲା ବସିବେ କେଉଁଠି ବୋଲି ତାଙ୍କୁ ପଚାରିବାରୁ ସେ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ସେହିପରି ବିଦ୍ୟାଳୟ ଇ-ଲାଇବ୍ରେରିରେ ୯ଟି କମ୍ପ୍ୟୁଟର ରହିଛି। ମାତ୍ର ସେଗୁଡିକ ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇନାହିଁ। ଇ-ଲାଇବ୍ରେରିରେ ଅନ୍‌ଲାଇନ ବଦଳରେ ବହି ପଢୁଛନ୍ତି ଛାତ୍ରୀଛାତ୍ର। ସୂଚନାଯୋଗ୍ୟ, ବିଦ୍ୟାଳୟକୁ ୫-ଟି ଯୋଜନାରେ ୪୫ ଲକ୍ଷ ଟଙ୍କା ଅନୁଦାନ ଆସିଥିଲା। ସେଥିରୁ ୩୮ ଲକ୍ଷ ଟଙ୍କା ୨ଟି ସ୍ମାର୍ଟ କ୍ଲାସ୍‌ରୁମ୍, ଇ ଲାଇବ୍ରେରି ,ଇ-ଲାବ୍ ସମେତ ବିଦ୍ୟାଳୟ ସୌନ୍ଦର୍ଯ୍ୟକରଣ ପାଇଁ ବିନିଯୋଗ ହୋଇଛି। ତେବେ ସୌନ୍ଦର୍ଯ୍ୟକରଣ ଲାଗି ବିଦ୍ୟାଳୟ କାନ୍ଥ ଓ ପାଚେରିରେ ଅଙ୍କାଯାଇଥିବା ଚିତ୍ର ବର୍ଷେ ନ ପୂରୁଣୁ ଫିକା ପଡ଼ିଗଲାଣି ।



ବୈପାରିଗୁଡ଼ା ହାଇସ୍କୁଲ।

**୫-ଟି ଯୋଜନାରେ ନୋଡାଲ ହାଇସ୍କୁଲ**
- ଇ-ଲାଇବ୍ରେରି ପାଇଁ ଆସିଥିବା କମ୍ପ୍ୟୁଟର ଏଯାଏ କାର୍ଯ୍ୟକ୍ଷମ ହୋଇନି
- ଦଶମରେ ୨୧୫, ନବମରେ ପଢୁଛନ୍ତି ୨୬୧ ପିଲା
- ଆଡଜଷ୍ଟ କରି ପିଲାଙ୍କୁ ବସାଯାଉଛି: ପ୍ରଧାନ ଶିକ୍ଷୟିତ୍ରୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୬ ଜାନୁୟାରୀ, ୨୦୨୩



## ସଂକ୍ଷେପରେ

### ଗୁଣପୁର କଲେଜର ବାର୍ଷିକ କ୍ରୀଡା ଉଦ୍‌ଯାପିତ

## ପାଠପଢ଼ା ସହ ଖେଳକୁ ଗୁରୁତ୍ୱ ଦେବାକୁ ପରାମର୍ଶ

ଗୁଣପୁର,୧୫।୧(ଡି.ଏନ.ଏ)- ରାୟଗଡା ଜିଲା ଗୁଣପୁର କଲେଜର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ଅତିରିକ୍ତ ତହସିଲଦାର ଦିବାକର ପାତ୍ର ଯୋଗଦେଇ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ଖେଳର ଆବଶ୍ୟକତା ବହୁ ପରିମାଣରେ ରହିଛି। ଛାତ୍ରୀଛାତ୍ରମାନେ ପାଠପଢା ସହ ଖେଳ ପ୍ରତି ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଥିଲେ। କଲେଜ ଅଧକ୍ଷ ଡ.ସୂର୍ଯ୍ୟ ନାରାୟଣ ପଣ୍ଡା ସଭାପତିତ୍ୱ କରିଥିଲେ। ଦୁଇ ଦିନିଆ କ୍ରୀଡାକୁ ଶିକ୍ଷକ ଦେବ ପ୍ରସାଦ ପାଢୀ ପରିଚାଳନା କରିଥିଲେ। କ୍ରୀଡା ସଂସଦ ଉପ ସଭାପତି ପ୍ରାଧାପକ ରାମଚନ୍ଦ୍ର ପଣ୍ଡା, ସହ ସମ୍ପାଦକ ଡ.ସତ୍ୟବାନ ଗରଡା ଅତିଥି ରୂପେ ଉପସ୍ଥିତ ଥିଲେ। ଅଧାପକ ଜଗନ୍ନାଥ ଦୀପ ଏବଂ ଗୋକୁଳା ନନ୍ଦ ସାହୁ ଦୁଇ ଦିନିଆ କ୍ରୀଡକୁ ପରିଚାଳନା କରିଥିଲେ। ଅଧାପିକା ନମିତା ମୁଦୁଲି ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ରୀଡାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଯୁକ୍ତ ୨ ଏବଂ ଯୁକ୍ତ ୩ର ଦୁଇ ଜଣ ଲେଖାଏ ଛାତ୍ରୀଛାତ୍ର ଚାମ୍ପିୟନ ହୋଇଥିଲେ।

## ବ୍ଲକ ବ୍ରାହ୍ମଣ ସମାଜ ମକର ମିଳନ

କୋଡିଙ୍ଗା/କୋଷାଗୁମୁଡା,୧୫।୧(ଡି.ଏନ୍.ଏ.) ନବରଙ୍ଗପୁର ଜିଲା ସଦର କୋଷାଗୁମୁଡା ବ୍ଲକ ନିକଟସ୍ଥ ଜୁନାପାଣି ସିଦ୍ଧେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ରବିବାର ବ୍ଲକ ବ୍ରାହ୍ମଣ ସମାଜର ପାରିବାରିକ ମକର ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ଅଞ୍ଚଳରୁ ବ୍ରାହ୍ମଣମାନେ ସପରିବାରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଶ୍ୟାମସୁନ୍ଦର ମିଶ୍ର ସଭାପତିତ୍ୱ କରିଥିଲେ। ସମ୍ପାଦକ କୈଳାସ ପାଣିଗ୍ରାହୀ ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକାରୀ ସଭାପତି କୁଞ୍ଜବିହାରୀ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ବିଜୟ କୁମାର ମିଶ୍ର, ସମ୍ମାନିତ ଅତିଥିଭାବେ ଜିଲା ସମ୍ପାଦକ ମୃତ୍ୟୁଞ୍ଜୟ ଦାଶ, ଜିଲା ଉପସଭାପତି ନୀଳକଣ୍ଠ ତ୍ରିପାଠୀ, ପ୍ରଶାନ୍ତ କୁମାର ପାତ୍ର, ପାପଡାହାଣ୍ଡି ମଣ୍ଡଳ ସଭାପତି ଲିଙ୍ଗରାଜ ଦାଶ, କୋଷାଧକ୍ଷ କାଳି ମିଶ୍ର ମଞ୍ଚାସୀନ ଥିଲେ। ଚାରିଜଣ ବୟୋଜ୍ୟେଷ୍ଠ ପୂର୍ଣ୍ଣଚନ୍ଦ୍ର ଚୌଧୁରୀ, ଡମ୍ବରୁଧର ମହାପାତ୍ର, ସୁବାସ ଚନ୍ଦ୍ର ମିଶ୍ର ଓ ସତ୍ୟନାରାୟଣ ଦାଶଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ରାହ୍ମଣ ସମାଜ ସଙ୍ଗଠନ ବିଷୟରେ ଆଲୋଚନା ସହ ମହିଳାମାନଙ୍କ ପାଇଁ ଝୋଟି ଚିତା, ଶଙ୍ଖବାଦନ ଓ ପ୍ରଶ୍ନୋତ୍ତର ପ୍ରତିଯୋଗିତା କରାଯାଇଥିଲା। କାର୍ଯ୍ୟକ୍ରମକୁ ସିମାଞ୍ଚଳ ପାଢ଼ୀ, ବିନାୟକ ଷଡ଼ଙ୍ଗୀ, ମନୋଜ ଚୌଧୁରୀ, ବିଶ୍ୱମୋହନ ତ୍ରିପାଠୀ, ବାଲ୍ୟକୃଷ୍ଣ ମହାପାତ୍ର, କାନୁ ପାଣିଗ୍ରାହୀ ପ୍ରମୁଖ ସଞ୍ଚାଳନ କରିଥିଲେ।

# ସରକାରୀ ଯୋଜନାର ଲାଭ ଉଠାଇବା ପରାମର୍ଶ

### ରାଜ୍ୟ ପଲ୍ଲୀଶ୍ରୀ ମେଳା, ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ

ନବରଙ୍ଗପୁର,୧୫।୧(ବି.ପ୍ର.)

ନବରଙ୍ଗପୁର ଜିଲା ପ୍ରଶାସନ, କୃଷି ବିଭାଗ ଓ ଓରମାସର ଆନୁକୂଲ୍ୟରେ ସ୍ଥାନୀୟ ସର୍କିଟ ହାଉସ ପଡିଆରେ ରାଜ୍ୟସ୍ତରୀୟ ପଲ୍ଲୀଶ୍ରୀ ମେଳା ଓ ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ରବିବାର ଉଦ୍‌ଘାଟିତ ହୋଇଛି। ଜିଲା ପରିଷଦ ଅଧକ୍ଷ ମୋତିରାମ ନାୟକ, ଜିଲାପାଳ ଡକ୍ଟର କମଳ ଲୋଚନ ମିଶ୍ର, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ନବରଙ୍ଗପୁର ପୌରପାଳିକା ଅଧକ୍ଷ କୁନୁ ନାୟକ ଅତିଥିଭାବେ ଯୋଗଦେଇ ଏହାର ଶୁଭ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେଠାରେ କୃଷି ବିଭାଗ ପକ୍ଷରୁ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ପରିଷଦ ଅଧକ୍ଷ ଆଧୁନିକ ପ୍ରଣାଳୀରେ ଚାଷୀ କିପରି ଲାଭବାନ ହୋଇପାରିବେ ତା ଉପରେ ଆଲୋକପାତ କରିଥିଲେ। ନବରଙ୍ଗପୁର ଜିଲାର କେତେଜଣ ଚାଷୀ ଆଧୁନିକ ପ୍ରଣାଳୀରେ କିପରି ବିଭିନ୍ନ ପ୍ରକାର ଚାଷ ଉତ୍ପାଦନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ସେ ସମ୍ପର୍କରେ ଜିଲାପାଳ କହିଥିଲେ। ସରକାର ସବ୍‌ସିଡି ମାଧମରେ କୃଷକଙ୍କୁ ଆବଶ୍ୟକ ଯନ୍ତ୍ରପାତି ଯୋଗାଇ ଦେଉଥିବାରୁ ଜିଲାର ଚାଷୀମାନେ ଏହାର ସୁଯୋଗ ନେବା ପାଇଁ ସେ ପରାମର୍ଶ ଦେଇଥିଲେ। ମେଳା ଉଦ୍‌ଘାଟନୀ ଦିବସରେ ୬ ଜଣ କୃଷକ ଟ୍ରାକ୍ଟର ବୁକିଂ କରି କିଣିଥିବାରୁ ଅତିଥିଙ୍କ ଦ୍ୱାରା ସମସ୍ତଙ୍କୁ ଟ୍ରାକ୍ଟର ଚାବି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିଲା ମୁଖ୍ୟ କୃଷି ଅଧିକାରୀ ଜି.ଭେଙ୍କଟ ରେଡ୍ଡୀ, ପରିଚାଳନା କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ନବରଙ୍ଗପୁର ପୌରପରିଷଦ ଅଧକ୍ଷ କୁନୁ ନାୟକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲା ସମାଜ କଲ୍ୟାଣ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସ, ଆତ୍ମା ର ଡିପିଡି କମଳ ଲୋଚନ ନାୟକ, ଓରମାସ ଡିସିଓ ଉମା ମହେଶ, ଜିଲା କ୍ରୀଡ଼ାଧିକାରୀ ମହେନ୍ଦ୍ର ସାହୁ, ଏପିଡି, ରାଜେଶ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ପ୍ରତେକ ଦିନ ସନ୍ଧ୍ୟା ୬ ଟାରୁ ମେଳାରେ ଏଲ୍‌ଇ ଡି ମାଧମରେ ବିଶ୍ୱ କପ୍ ହକି ଖେଳ ଦେଖିବା ବ୍ୟବସ୍ଥା କରାଯାଇଛି। ଏଥିସହ ସ୍ଥାନୀୟ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ।


ଅତିଥିମାନେ ଜଣେ ଚାଷୀଙ୍କୁ ଟ୍ରାକ୍ଟର ଚାବି ପ୍ରଦାନ କରୁଛନ୍ତି।

## ୨ ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ, ୩ ଆହତ

କୋରାପୁଟ,୧୫।୧(ସ୍ୱ.ପ୍ର.)

କୋରାପୁଟ ପୌରାଞ୍ଚଳର ଭବାନୀନଗର ଠାରେ ରବିବାର ଦୁଇ ବାଇକ୍ ମଧରେ ମୁହାଁମୁହିଁ ଧକ୍କା ହୋଇ ଜଣକର ମୃତ୍ୟୁ ହୋଇଛି। ୩ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ବିଲ କୁଲଦୀପ। ତାଙ୍କ ଘର କୋରାପୁଟର ଝଡ଼ିଗୁଡ଼ା ଗ୍ରାମରେ ବୋଲି ଜଣାପଡିଛି। ଆହତମାନଙ୍କୁ କୋରାପୁଟ ମେଡିକାଲରେ ଭର୍ତ୍ତି କରାଯାଇଛି। ସେଠାରେ ଶଙ୍କର ନାମକ ଯୁବକଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି।

ଖବରରୁ ଜଣାପଡିଛି, ରବିବାର ମଧାହ୍ନ ୧୨ଟାରେ କୋରାପୁଟରୁ ସୁନାବେଡ଼ା ଆଡକୁ ଯାଉଥିବା ବାଇକ (ଓଡି ୦୮ଆର-୦୧୪୨) ସହ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ବାଇକ (ଓଡି୧୦ ଏଚ୍-୮୪୪୬) ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ବିଲ କୁଲଦୀପଙ୍କ ମୁଣ୍ଡ ପଛ ଭାଗରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ସ୍ଥାନୀୟ ଲୋକେ ଏକ ଅଟୋ ଯୋଗେ ମେଡିକାଲକୁ ପଠାଇଥିଲେ। ଏ ସମ୍ପର୍କରେ ଟାଉନ ଥାନା ଅଧିକାରୀ ଧୀରେନ ପଟ୍ଟନାୟକ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଡାକ୍ତରଖାନା ପଠାଇଥିଲେ । ଉଭୟ ବାଇକ ଜବତ ହୋଇଛି। ପ୍ରାଥମିକ ଚିକିତ୍ସା ପରେ ଦୁର୍ଘଟଣା ଘଟାଇଥିବା ବାଇକ୍‌ର ୨ ଜଣ ଯୁବକଙ୍କୁ ଟାଉନ ଥାନାରେ ଅଟକ ରଖାଯାଇ ପଚରାଉଚରା କରାଯାଉଛି। ଏନେଇ ଏକ ମାମଲା ରୁଜୁ କରାଯାଇ ଘଟଣାର ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ପଟ୍ଟନାୟକ କହିଛନ୍ତି। ଅନ୍ୟପକ୍ଷରେ ମୃତ ଯୁବକ କୁଲଦୀପ ଖୁବ୍ ଗରିବ ହୋଇଥିବାରୁ ଥାନା ଅଧିକାରୀ ପଟ୍ଟନାୟକ ନିଜେ ୫ ହଜାର ଟଙ୍କା ତାଙ୍କ ପରିବାରକୁ ସହାୟତା ଦେଇଛନ୍ତି। ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ, କୁଲଦୀପ ଜଣେ ରଙ୍ଗମିସ୍ତ୍ରି ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ବଡ଼ଭାଇଙ୍କ ଝିଅ ଜଣେ ସିକଲସେଲ ରୋଗୀ ହୋଇଥିବାରୁ ତା'ର ସମସ୍ତ ଚିକିତ୍ସା ଦାୟିତ୍ୱ କୁଲଦୀପ ବୁଝୁଥିଲେ।

## ସଡ଼କ ସୁରକ୍ଷା ସପ୍ତାହ ଅବସରରେ ସଚେତନତା ଶୋଭାଯାତ୍ରା

କୋରାପୁଟ,୧୫।୧(ସ୍ୱ.ପ୍ର.)

କୋରାପୁଟ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ସଡକ ସପ୍ତାହ ସୁରକ୍ଷା ସପ୍ତାହ ଅବସରରେ ଏକ ସଚେତନତା ଶୋଭାଯାତ୍ରା ରବିବାର ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ଉତ୍କଳ କେଶରୀ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଶୋଭାଯାତ୍ରାକୁ ସବୁଜ ପତକା ଦେଖାଇ ଶୁଭାରମ୍ଭ କରିଥିଲେ। ଆଞ୍ଚଳିକ ପରିବହନ କାର୍ଯ୍ୟାଳୟଠାରୁ ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ହେଲମେଟ୍ ପିନ୍ଧି ଗାଡି ଚଳାଇବା , ମଦ୍ୟପାନ କରି ଗାଡି ନ ଚଳାଇବା, ଗାଡି ଚଳାଇବା ବେଳେ ମୋବାଇଲରେ କଥା ନ ହେବା, ଦ୍ରୁତ ଗତିରେ ଗାଡି ନ ଚଳାଇବା, ଟ୍ରାଫିକ ଲାଇଟ ସିଗନାଲ ଦେଖି ଗାଡି ଚଳାଇବା ନେଇ ଲୋକଙ୍କୁ ସଚେତନ କରାଯାଇଥିଲା। ଶୋଭାଯାତ୍ରାରେ କୋରାପୁଟ ଆଞ୍ଚଳିକ ପରିବହନ ଅଧିକାରୀ ମାନସ ମିଶ୍ର, ଅତିରିକ୍ତ ପରିବହନ ଅଧିକାରୀ ତପନ ବେଟି, ଏମଭିଆଇ ଚନ୍ଦ୍ରା ବିଶ୍ୱାସ, ଟାଉନ ଥାନା ଅଧିକାରୀ ଧୀରେନ ପଟ୍ଟନାୟକ ସାମିଲ ହୋଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ ।



ଅତିଥିମାନେ ଶୋଭାଯାତ୍ରାକୁ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରୁଛନ୍ତି।

## ଯୁବସମାଜ ବିକଶିତ ଭାରତ ଗଠନରେ ବ୍ରତୀହେବାକୁ ଆହ୍ୱାନ

ଜୟପୁର,୧୫।୧(ନି.ପ୍ର.)

ଜୟପୁରସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟଠାରେ ଜାତୀୟ ସେବା ଯୋଜନା ଓ ଯୁବ ରେଡ୍‌କ୍ରସ୍ ଆନୁକୂଲ୍ୟରେ ଜାତୀୟ ଯୁବଦିବସ ପାଳିତ ହୋଇଯାଇଛି। ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶକୁ ଲୋକଙ୍କ ନିକଟରେ ପହଞ୍ଚାଇ ଏକ ଦିବ୍ୟ ଓ ଭବ୍ୟ ଭାରତ ନିର୍ମାଣର ବାର୍ତ୍ତା ନେଇ ସେପ୍ଟେମ୍ବର ୨୫ରୁ ସାରା ରାଜ୍ୟ ପରିକ୍ରମା କରୁଥିବା ଭାରତମାତା ରଥ ସରକାରୀ ମହିଳା ମହାବିଦ୍ୟାଳୟ ପରିସରରେ ପହଞ୍ଚିବା ପରେ ଛାତ୍ରୀ ଓ ଅଧାପିକା ଅଧାପକମାନେ ରଥକୁ ସ୍ୱାଗତ କରିଥିଲେ। ଅଧକ୍ଷା ଡ. ମନୋରମା ଦେବୀ ସ୍ୱାମୀ ବିବେକାନନ୍ଦଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ସ୍ୱାମୀ ବିବେକାନନ୍ଦ କେନ୍ଦ୍ରର କାର୍ଯ୍ୟକର୍ତ୍ତା ରବି ନାଇଡୁ ଇଞ୍ଜିନିୟର ନିର୍ମଳ ଚନ୍ଦ୍ର ମଲ୍ଲିକ, ଡ. ସୁରେଶ ଦାଶ, ରେକୁକା ଗୁପ୍ତା, ପ୍ରମୋଦ ରାଉଳ, ଅଧାପିକା ଡ. କନକଲତା ମହାପାତ୍ର ଉପସ୍ଥିତ ଥିଲେ। ଡ. ମନୋରଞ୍ଜନ ପ୍ରଧାନ ଧନ୍ୟବାଦ ଦେଇଥିଲେ। ସେହିପରି ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଜୟପୁର ଶ୍ରମିକ-କର୍ମଚାରୀ ଭବନଠାରେ ଯୁବ ଛାତ୍ର ସଙ୍ଗଠକ ସତ୍ୟବ୍ରତ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୁବ ସଂଘ ରାଜ୍ୟ ସହ ସମ୍ପାଦକ କୁମର ଜାନି , ସିପିଆଇ ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ପ୍ରମୋଦ ମହାନ୍ତି, ଯୁଧିଷ୍ଠିର ରାଉଳ ଅତିଥିଭାବେ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ବାଣୀକୁ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ।

## ପେପର ମିଲ୍ କର୍ମଚାରୀଙ୍କ ଦାବି ପୂରଣ ନେଇ ରାସ୍ତାକୁ ଓହ୍ଲାଇବ ସିପିଆଇ



ଖବରଦାତା ସମ୍ମିଳନୀରେ ସିପିଆଇ କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

ଜୟପୁର, ୧୫।୧(ନି.ପ୍ର.)

ପେପର ମିଲ୍ କର୍ମଚାରୀଙ୍କ ଦାବି ପୂରଣ ପାଇଁ ରାଜରାସ୍ତାକୁ ଓହ୍ଲାଇବ ସିପିଆଇ। ଏନେଇ ରବିବାର ଜୟପୁର ଶ୍ରମିକ କର୍ମଚାରୀ ଭବନଠାରେ ଏକ ଖବରଦାତା ସମ୍ମିଳନୀରେ ଦଳର ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳ କହିଛନ୍ତି। ପେପର ମିଲ୍ କର୍ତ୍ତୃପକ୍ଷ ଶ୍ରମିକମାନଙ୍କୁ ଠିକ୍ ସମୟରେ ଦରମା ଦେଉ ନ ଥିବା ବେଳେ ଅବସରପ୍ରାପ୍ତ ଶ୍ରମିକମାନଙ୍କ ବକେୟା ଦରମା, ଇପିଏଫ୍ ଆଦି ପକାଇ ରଖିଛନ୍ତି। ଏହା ତୁରନ୍ତ ଦେବାକୁ ସିପିଆଇ ଦାବି କରିଛି । ଦରମା ନ ପାଇ ବହୁ କର୍ମଚାରୀ ହଇରାଣ ହେଉଥିବା ବେଳେ କେତେ କର୍ମଚାରୀଙ୍କ ଇତିମଧରେ ମୃତ୍ୟୁ ଘଟି ସାରିଲାଣି। ଅବସରପ୍ରାପ୍ତ ଶ୍ରମିକମାନେ ସେମାନଙ୍କ ଇପିଏଫ୍, ପେନ୍‌ସନ ଏବଂ ବକେୟା ପାଉଣା ପାଇପାରୁ ନାହାନ୍ତି । କାଗଜକଳ କର୍ତ୍ତୃପକ୍ଷ ଏ ଦିଗରେ କୌଣସି ପଦକ୍ଷେପ ନେଉନାହାନ୍ତି। ଆଗାମୀ ଦିନରେ ସିପିଆଇ ଏହି ପ୍ରସଙ୍ଗ ନେଇ ବିଧାନସଭା ସମ୍ମୁଖରେ ଧାରଣା ଦେବା ସହ ରାଜରାସ୍ତାକୁ ଓହ୍ଲାଇବ ବୋଲି ପ୍ରକାଶ କରିଛି । ଏହି ଖବରଦାତା ସମ୍ମିଳନୀରେ ସିପିଆଇର ପ୍ରମୋଦ ମହାନ୍ତି, ରାମକୃଷ୍ଣ ଦାସ, ସୁଶାନ୍ତ ଅଧିକାରୀ ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଘାଟିତ

ଅମ୍ବାଦଳା, ୧୫।୧(ଡି.ଏନ୍.ଏ.)

ରାୟଗଡା ଜିଲା ମୁନିଗୁଡା ବ୍ଲକ ଶିବପଦର ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ବିନାୟକ ଯୁବ ପରିଷଦ ପକ୍ଷରୁ ଜିଲାସ୍ତରୀୟ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜିଲା ବିଜେଡି ଉପସଭାପତି ଜଗନ୍ନାଥ ନୁଣ୍ଡରୁକା ମୁଖ୍ୟ ଅତିଥି, ବ୍ଲକ ଉପାଧକ୍ଷ ଆଦର୍ଶ କୌଶଲ୍ୟା, ସ୍ଥାନୀୟ ସରପଞ୍ଚ ଓ ସମିତି ସଭ୍ୟ ସମ୍ମାନିତ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ରାୟଗଡ଼ା ଜିଲା ମୁନିଗୁଡା ଓ କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ମଧରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁନିଗୁଡା ବିଜୟୀ ହୋଇଛି। ଏହି ପ୍ରତିଯୋଗିତାରେ ଚାମ୍ପିୟାନ ଦଳକୁ ୨୦ହଜାର ଟଙ୍କା ସହ ଟ୍ରଫି ଓ ରନର୍ସଅପ୍ ଦଳକୁ ୧୦ହଜାର ଟଙ୍କା ଏବଂ ଟ୍ରଫି ଦିଆଯିବ। ବିନାୟକ ଯୁବ ପରିଷଦ ସଭ୍ୟମାନଙ୍କ ମଧରୁ ଅରୁଣ ମାଝୀ, ରୋହନ ହାତୀ, ଜସେବ, ଆକାଶ, ଚନ୍ଦନ, ବିକାଶ, ମହେଶ, ମୋଣ୍ଟୁ, ନିଲେଶ ଓ ଶଙ୍କର ମାଝି ଖେଳ ପରିଚାଳନାରେ ସହଯୋଗ କରିଥିଲେ।


ଅତିଥିମାନେ ଟୁର୍ନାମେଣ୍ଟ ଉଦ୍‌ଘାଟନ କରୁଛନ୍ତି।

## ସଭ୍ୟ, ଶିକ୍ଷିତ ସମାଜ ନିମନ୍ତେ ପାଠାଗାର ଆବଶ୍ୟକ

ଉମରକୋଟ, ୧୫।୧(ଡି.ଏନ୍.ଏ.)

ଦାସିଆ ସାଂସ୍କୃତିକ ପରିଷଦ ପରିସରରେ ଦାଶରଥି ପାଠାଗାରର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ରମେଶ ଚନ୍ଦ୍ର ସାହୁ, ସୟଦ କାଜମ ମଦାନୀ, ଅଶୋକ ପାଢ଼ୀ, ରାମକୃଷ୍ଣ ନାୟକ, ଡ଼.ଶେଷାନନ୍ଦ ମିଶ୍ର, ଧର୍ମରାଜ ମାଝି, ଶ୍ରୀନିବାସ ପଟ୍ଟନାୟକ, କୃପାରାମ ସାହୁ, ପୀତାମ୍ବର ବେହୁରିଆ, ଦିଲ୍ଲୀପ ପଟ୍ଟନାୟକ, ପରିଷଦ ସଭାପତି ଟୁଟୁବାବୁ ପଟ୍ଟନାୟକ, ସମୀର କୁମାର ପ୍ରଧାନ ମଞ୍ଚାସୀନ ଥିଲେ। ବାବୁରାମ ପାତ୍ର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ସମୀର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ । ଏକ ସଭ୍ୟ ଓ ଶିକ୍ଷିତ ସମାଜ ନିମନ୍ତେ ପାଠାଗାରର ଆବଶ୍ୟକତା ଅପରିହାର୍ଯ୍ୟ ବୋଲି ବିଧାୟକ କହିଥିଲେ । ପାଠାଗାର ଏକ ପ୍ରଗତିଶୀଳ ସମାଜର ପରିଚୟ ବହନ କରିଥାଏ ବୋଲି ଅନ୍ୟ ଅତିଥିମାନେ କହିଥିଲେ। ଗଣେଶ ପ୍ରସାଦ ରଣା, ନରେଶ ଚନ୍ଦ୍ର ପଟ୍ଟନାୟକ, ଅରୁଣ ବେହେରା, ବିବେକାନନ୍ଦ ପଟ୍ଟନାୟକ, ଦେବୀ ପ୍ରସାଦ ପଟ୍ଟନାୟକ, ରଞ୍ଜନ ଗୌଡ଼, ପ୍ରଭାତୀ ଦେବନାଥ, ସ୍ୱାଗତିକା ସାହୁ, ସତ୍ୟବ୍ରତ ପ୍ରଧାନ, ଶଶାଙ୍କ ଶେଖର ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶେଖ ନାଶିରୁଦ୍ଦିନ, ଧନେଶ୍ୱର ପୁହାଣ, ରାଜେଶ ଜୀ, ସତ୍ୟେନ୍ଦ୍ର ରାଉତ, ଅଶୋକ ରଣା, ତ୍ରିପତି ପଟ୍ଟନାୟକ, ସୁବାସ ଚନ୍ଦ୍ର ବିଷୋୟୀ, ରାଜକିଶୋର ନାୟକ, ଡ଼. ଉମେଶ ଚନ୍ଦ୍ର ସାହୁ, ରାଜୁ କୁମାର ମାଳୀ, ନୁର ମହମ୍ମଦ, କିଶୋର ଚନ୍ଦ୍ର ମିଶ୍ର ଉପସ୍ଥିତ ଥିଲେ। ନରେଶ ଚନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।


ବୈଠକରେ ବିଧାୟକ ଓ ଅନ୍ୟମାନେ ।

## ଗଞ୍ଜେଇ ଚୋରା ଚାଲାଣବେଳେ ୩ ଗିରଫ

### ଜବତ ଗଞ୍ଜେଇର ମୂଲ୍ୟ ୨ ଲକ୍ଷରୁ ଅଧିକ

ମୁନିଗୁଡ଼ା, ୧୫।୧(ଡି.ଏନ୍.ଏ.)

ରାୟଗଡା ଜିଲା ମୁନିଗୁଡା ରେଲୱେ ଷ୍ଟେସନ ସମ୍ମୁଖ ଅଟୋଷ୍ଟାଣ୍ଡ ପରିସରରେ ୪ଟି ଗଞ୍ଜେଇ ବ୍ୟାଗ ସହ ୩ଜଣ ଚାଲାଣକାରୀଙ୍କୁ ମୁନିଗୁଡା ପୋଲିସ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଉତ୍ତର ପ୍ରଦେଶର ସନ୍ତୋଷ ଖୁଶୁଦ୍ଧା(୩୫), ଗଜପତି ଜିଲାର ପିତାମ୍ବର ପରିଚ୍ଛା(୩୫), ପଶ୍ଚିମବଙ୍ଗର ରେହେନା ବିବି(୩୮)। ସେମାନଙ୍କଠାରୁ ୨୨କେଜି ଗଞ୍ଜେଇ ଜବତ କରାଯାଇଛି। ସୂଚନା ଅନୁଯାୟୀ କନ୍ଧମାଳ ଅଞ୍ଚଳରୁ ବସ ଯୋଗେ ଗଞ୍ଜେଇ ଆଣି ଅଭିଯୁକ୍ତମାନେ ଟ୍ରେନ୍ ଯୋଗେ ହାଓଡ଼ା ଚାଲାଣ ହେଉଥିବା ମୁନିଗୁଡା ପୋଲିସ ଖବର ପାଇଥିଲା। ଥାନାଧିକାରୀ ସୁଜ୍ଞାନୀ ସାହୁଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ମନୋରଞ୍ଜନ ବିଶ୍ୱାଳ ଏକ ଟିମ ସହିତ ରେଲୱେ ଅଟୋଷ୍ଟାଣ୍ଡରେ ଅପେକ୍ଷା କରିଥିଲେ। ଏହି ସମୟରେ ପୋଲିସ ସେମାନଙ୍କୁ ଧରିଥିଲା। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୨ଲକ୍ଷ ଟଙ୍କାରୁ ଅଧିକ ବୋଲି ସୂଚନା ମିଳିଛି। ମୁନିଗୁଡା ପୋଲିସ କେଶନଂ ୯ / ୨୩ରେ ମାମଲା ରୁଜୁ କରି ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

## ଜିଲା ଯାଦବ ମହାସଭା ବୈଠକ

କୋରାପୁଟ,୧୫।୧(ସ୍ୱ.ପ୍ର. )

କୋରାପୁଟ ଜିଲା ଲମତାପୁଟ ବ୍ଲକ ଗୋଡିପୁଟଠାରେ ରବିବାର ଜିଲା ଯାଦବ ମହାସଭାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା କାର୍ଯ୍ୟକାରୀ ସଭାପତି ସାଥୀରାମ ନାୟକଙ୍କ ଅଧକ୍ଷତରେ ହୋଇଥିବା ଏହି ବୈଠକରେ ଅତିଥି ରୂପେ ଜିଲା ପରିଷଦ ସଦସ୍ୟ ପୂର୍ଣ୍ଣ ପାଙ୍ଗି, ନବରଙ୍ଗପୁର ଜିଲା କାର୍ଯ୍ୟକାରୀ ସଭାପତି ଦେବଦାସ ମହାକୁଡ଼, ସମ୍ପାଦକ ମନୋଜ ମହକୁଡ଼, ଯୁବ ସଭାପତି ନବଘନ ଗୌଡ଼, ମାଲକାନଗିରି ସଭାପତି ପରମେଶ୍ୱର ପାତ୍ର, ସମ୍ପାଦକ ସଦାଶିବ ଗୌଡ଼, ଉପସଭାପତି ଶ୍ରୀନାଥ ଗୌଡ଼ ପ୍ରମୁଖ ଯୋଗଦେଇ ଯାଦବ ଜାତିର ଉନ୍ନତି ଉପରେ ଆଲୋଚନା କରିଥିଲେ। ବିଶେଷକରି ସେମାନଙ୍କୁ ଗିରିଜନ ମାନ୍ୟତା, ଜାତିଭିତ୍ତିକ ଜନଗଣନା, ନିର୍ବାଚନରେ ସଂରକ୍ଷଣ ଉପରେ ବୈଠକରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ଅବିଭକ୍ତ କୋରାପୁଟ ଜିଲାର ସମସ୍ତ ବ୍ଲକରେ ଯାଦବ ସମ୍ମିଳନୀ କରିବାକୁ ନିଷ୍ପତ୍ତି ହୋଇଥିଲା । ଜିଲା ସମ୍ପାଦକ ରାଜେନ୍ଦ୍ର ଗୌଡ଼ ଅବିଭକ୍ତ ଜିଲାର ନେତାଙ୍କୁ ନେଇ ଏକ କୋର କମିଟି ଗଠନ କରିବାକୁ ପ୍ରସ୍ତାବ ଦେଇଥିଲେ। ପୂର୍ଣ୍ଣ ପାଙ୍ଗିଙ୍କୁ ଜିଲା ଯୁବ ଯାଦବ ସମ୍ପାଦକ ରୂପେ ଚୟନ କରାଯାଇଥିଲା। ବୈଠକକୁ ଲମତାପୁଟ ବ୍ଲକ ସଭାପତି ଅର୍ଜୁନ ହନ୍ତାଳ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧରେ କୈଳାସ ଗୌଡ଼, ହରି ଗୌଡ଼, ସନ୍ୟାସୀ ଗୌଡ଼, ଦୈତାରି ଗୌଡ଼, ପ୍ରହ୍ଲାଦ ଖିଲ, ମଧୁ ଗୋଲାରି, ଘେନୁ ପାଙ୍ଗି, ନିନୀ ଗୁରୁ ଖରା, ସୁନ୍ଦର ଗୋଲରି, ଭକ୍ତ ହନ୍ତାଳ, ସିନ୍ଧୁ ଗୋଲାରି, ତ୍ରିନାଥ ପାଙ୍ଗି, ଗୁରୁବନ୍ଧୁ ଖରା, ନନ୍ଦପୁର ସଭାପତି ଗୋବର୍ଦ୍ଧନ ବୈରାଗୀ, ଗୋପୀ ପାଙ୍ଗି, ଗଙ୍ଗାଧର ସମରେଡି, କୃଷ୍ଣ ଖିଲ, କୁନ୍ଦୁରା ବ୍ଲକ ସଭାପତି ପଦଲମ ଗୌଡ଼ ସହଯୋଗ କରିଥିଲେ। ଜିଲା ସାଧାରଣ ସମ୍ପାଦକ ରାଜେନ୍ଦ୍ର ଗୌଡ଼ ଧନ୍ୟବାଦ ଦେଇଥିଲେ।

# ଆମକୁ ଦଶମନ୍ତପୁର ବ୍ଲକରେ ମିଶାଅ: ଗ୍ରାମବାସୀ

- ଗୁମ୍ଭାରିଗୁଡ଼ା: କାଶୀପୁରରୁ ୭୦, ଦଶମନ୍ତପୁରରୁ ୩ କି.ମି.
- ୩୫ କି.ମି. ଗଲେ ଥାନା ପଡ଼େ
- ଗୋଟିଏ ନଳକୂପ ଉପରେ ନିର୍ଭର କରନ୍ତି ୨ଶହ ଲୋକ

ଦଶମନ୍ତପୁର,୧୫।୧ (ଡି.ଏନ.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକଠାରୁ ୩ କି.ମି. ଦୂରରେ ଥିବା ଗୁମ୍ଭାରିଗୁଡ଼ା ଗ୍ରାମ ସବୁ କ୍ଷେତ୍ରରେ ଅବହେଳିତ ହୋଇରହିଛି। ଏଠାରେ ସରକାରଙ୍କ କୌଣସି ଯୋଜନାର ସୁଫଳ ଲୋକଙ୍କ ନିକଟରେ ପହଞ୍ଚିପାରୁନାହିଁ। ଅନ୍ୟପକ୍ଷରେ ଏହି ଗୁମ୍ଭାରିଗୁଡ଼ା ଗ୍ରାମ ରାୟଗଡ଼ା ଜିଲା କାଶୀପୁର ବ୍ଲକର କୁଚେଇପଦର ପଞ୍ଚାୟତ ଅଧୀନରେ ଥିବାରୁ ଦଶମନ୍ତପୁର ବ୍ଲକ ପ୍ରଶାସନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରିପାରୁନାହିଁ। ଏପରିସ୍ଥଳେ ଦଶମନ୍ତପୁର ବ୍ଲକରେ ମିଶିବା ଲାଗି ଗ୍ରାମବାସୀଙ୍କ ସ୍ୱର କ୍ରମଶଃ ଦୃଢ଼ ହେବାରେ ଲାଗିଛି। ୫୭ଟି ଆଦିବାସୀ ପରିବାର ବସବାସ କରୁଥିବା ଏହି ଗ୍ରାମର ଜନସଂଖ୍ୟା ରହିଛି ୨ଶହ। ରାୟଗଡ଼ା ଜିଲା ପ୍ରଶାସନ ଏବଂ ବ୍ଲକ ପ୍ରଶାସନର ଅବହେଳା ଯୋଗୁ ଗ୍ରାମରେ ବିକାଶ ଅପହଞ୍ଚ ହୋଇ ରହିଛି। ଏତେ ସଂଖ୍ୟକ ଲୋକଙ୍କ ପାଇଁ ଗ୍ରାମରେ ରହିଛି ଗୋଟିଏ ନଳକୂପ। ପାନୀୟ ଜଳ ଆବଶ୍ୟକତା ପୂରଣ ଲାଗି ଗ୍ରାମବାସୀ ନିକଟସ୍ଥ ଝରଣା ଉପରେ ନିର୍ଭର କରନ୍ତି। କେବେ ଗ୍ରାମରେ କୌଣସି ସରକାରୀ ଅଧିକାରୀଙ୍କ ପାଦ ପଡ଼ିନାହିଁ ବୋଲି କହନ୍ତି ସେମାନେ। ଗ୍ରାମଠାରୁ ଦଶମନ୍ତପୁର ପାଖ ହେଉଥିବାରୁ ସବୁ କାର୍ଯ୍ୟରେ ସେମାନେ ଦଶମନ୍ତପୁର ଉପରେ ନିର୍ଭର କରନ୍ତି। ବ୍ଲକ କାର୍ଯ୍ୟାଳୟରୁ ନିଜ ପଞ୍ଚାୟତକୁ ଯିବାକୁ ହେଲେ ସେମାନଙ୍କୁ ୭୦ କି.ମି. ଯିବାକୁ ପଡ଼େ। ଗ୍ରାମରେ କୌଣସି ଅଘଟଣ ଘଟିଲେ ୩୫ କି.ମି. ଦୂର ଦୋରାଗୁଡ଼ା ଥାନାକୁ ଯିବାକୁ ପଡୁଥିବା କହନ୍ତି କନ୍ଦୁ ନାଚିକା, କେମିଡି ମାଣ୍ଡିଙ୍ଗା, ଆରତ ନାଚିକା, ମାଧବ ପ୍ରାସିକା, ଦୋରା ପ୍ରାସିକା, ଗୋପାଳ ମାଣ୍ଡିଙ୍ଗା, ତିଳସୀ ନାଚିକା, ଜ୍ୟୋତି ପ୍ରାସିକା, ସାଦାଇ ମାଣ୍ଡିଙ୍ଗା, ଭାଙ୍ଗାରି ନାଚିକା, ସିଙ୍ଗାରି ପ୍ରାସିକା, କମଳା ମାଣ୍ଡିଙ୍ଗା ପ୍ରମୁଖ ଗ୍ରାମବାସୀ। ସବୁ କ୍ଷେତ୍ରରେ ଆମେ ଅବହେଳିତ ହେଉଥିବାରୁ ଆମକୁ ଦଶମନ୍ତପୁର ବ୍ଲକରେ ମିଶାଇବାକୁ ସେମାନେ ଦାବି କରିଛନ୍ତି। ନିର୍ବାଚନ ସମୟରେ ଅନେକ ନେତା ତୁମକୁ ଦଶମନ୍ତପୁର ବ୍ଲକରେ ମିଶାଇ ଦେବୁ କହି ଭୋଟ ନେଇ ପରେ ଭୁଲିଯାଉଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଆମକୁ ଦଶମନ୍ତପୁର ବ୍ଲକରେ ନ ମିଶାଇଲେ ଆଗାମୀ ଦିନରେ ଆମେ ଆନ୍ଦୋଳନ କରିବୁ ବୋଲି ଚେତାବନୀ ଦେଇଛନ୍ତି।


ଗୁମ୍ଭାରିଗୁଡ଼ା ଗ୍ରାମ।

GOVERNMENT OF ODISHA
DEPARTMENT OF WATER RESOURCES
Office of the Superintending Engineer
Chheligada Head Works Division
At/PO: Mahendragada, Via: Chandragiri,
Dist: Gajapati, Odisha, PIN-761017
e-mail: eechwd@gmail.com
No.A-1017: No.38, Dated 9.1.23

1st corrigendum to e-procurement Notice
No. SE-CHWD-05/2022-23.

(i) The date and time of availability of bid documents in the portal may be read as 17.01.2023 to 30.01.2023 up to 5.00 PM in place of 10.01.2023 to 23.01.2023 up to 5.00 PM.
(ii) Last date / time for receipt of bids in the portal may be read as 30.01.2023 up to 5.00 PM in place of 23.01.2023 up to 5.00 PM.
(iii) Date of opening of bid may be read as 01.02.2023 at 11.30 AM in place of 24.01.2023 at 11.30 AM.
(iv) A transparent lottery system on 31.01.2023 at 11.30 AM may be read as 03.02.2023 at 11.30 AM.
(v) Further clarification of bid may be read as 17.01.2023 to 24.01.2023 in place of 10.01.2023 to 17.01.2023 during office hours.
(vi) All other terms & conditions remained unaltered.

Sd./- Superintending Engineer
Chheligada Head Works Division
Mahendragada (Gajapati)
OIPR-32109/11/0011/2223

# ଅବହେଳିତ ଅବସ୍ଥାରେ ଇନ୍ଦ୍ରାବତୀ ନଦୀ ଉତ୍ପତ୍ତିସ୍ଥଳ

**ତେନ୍ତୁଲିଖୁଣ୍ଟି, ୧୫।୧(ଡି.ଏନ୍.ଏ.)**

ଗୋଟେ ଆମ୍ବଗଛ ପାର୍ଶ୍ୱରୁ ବହିଆସୁଛି ତିନୋଟି ଜଳଧାର। ଏହିଠାରୁ ହିଁ ଇନ୍ଦ୍ରାବତୀ ନଦୀର ଉତ୍ପତ୍ତି। ନିଜ ଆଖିରେ ନ ଦେଖିଲେ କେବେ ବି ବିଶ୍ୱାସ ହେବନି ଯେ ତିନୋଟି ସରୁ ଜଳଧାର ହିଁ ଇନ୍ଦ୍ରାବତୀ ନଦୀର ଉତ୍ପତ୍ତି ସ୍ଥଳ। ଯେଉଁ ନଦୀରେ ଜଳଭଣ୍ଡାର କରାଯାଇ କଳାହାଣ୍ଡି ଜିଲାରେ ଦେଢ଼ ଲକ୍ଷ ହେକ୍ଟର ଜମି ଶଷ୍ୟଶ୍ୟାମଳା । ରାଜ୍ୟ ପାଉଛି ଦୈନିକ ୬୦୦ ମେଗାୱାଟ ବିଦ୍ୟୁତ୍। ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନପାଇଛି ମର୍ଦ୍ଦିଗୁଡ଼ା। ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ସତ୍ତ୍ୱେ ପ୍ରଚାର ପ୍ରସାର ଅଭାବରୁ ଏହା ଲୋକଲୋଚନକୁ ଆସିପାରୁନାହିଁ। ଏହା ଅବହେଳିତ ହୋଇରହିଛି।

ମର୍ଦ୍ଦିଗୁଡା କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକର ଏକ ଛୋଟିଆ ଗାଁ। ଜଙ୍ଗଲ ପାହାଡ଼ଘେରା ଏହି ମର୍ଦ୍ଦିଗୁଡାରେ ବସବାସ କରୁଛନ୍ତି ପ୍ରାୟ ୪୦ ଚାଷୀ ପରିବାର। ମର୍ଦ୍ଦିଗୁଡାର ଏକ ଆମ୍ବଗଛ ପାଖରୁ ତିନିଗୋଟି ଜଳଧାରରୁ ଆରମ୍ଭ ଇନ୍ଦ୍ରାବତୀ ନଦୀ । ଏଣୁ ଏଇ ସ୍ଥାନକୁ ମା’ ଇନ୍ଦ୍ରାବତୀ ପୀଠସ୍ଥଳୀ ଭାବେ ନାମିତ କରାଯାଇଛି। କୁଳୁ କୁଳୁ ଶବ୍ଦ କରି ବର୍ଷ ବର୍ଷ ଧରି ବହି ଆସୁଥିବା ତିନି ଜଳ ଧାରରୁ ସୃଷ୍ଟି ହୋଇଥିବା ପ୍ରାକୃତିକ ଇନ୍ଦ୍ରାବତୀ ନଦୀକୁ ବନ୍ଧବାନ୍ଧି ସୃଷ୍ଟି କରାଗଲା ବିରାଟ ଜଳଭଣ୍ଡାର। ଇନ୍ଦ୍ରାବତୀ ଜଳଭଣ୍ଡାର ପାଣି ବ୍ୟବହାର କରି ମୁଖୀଗୁଡ଼ାରେ ଜଳ ବିଦ୍ୟୁତ୍ ପ୍ରକଳ୍ପ ସ୍ଥାପନ କରାଯାଇ ୬୦୦ମେଗାୱାଟ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ଉତ୍ପାଦନ କରିବା ସହ ଓଡିଶା ସରକାର ରାଜସ୍ୱ ବୃଦ୍ଧି କରୁଛି। କିନ୍ତୁ ଦୁଃଖର ବିଷୟ ଇନ୍ଦ୍ରାବତୀକୁ ଜନ୍ମ ଦେଇଥିବା ମର୍ଦ୍ଦିଗୁଡା ଗାଁ ଆଜି ଦୟନୀୟ ଅବସ୍ଥାରେ। ଗାଁରେ ପାନୀୟ ଜଳ ସମସ୍ୟା ରହିଛି। ଟିଉବ୍‌ୱେଲ ଅଛି କିନ୍ତୁ ସେଥିରୁ ବାହାରୁଛି ଦୂଷିତ ପାଣି। ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ମିଳୁନାହିଁ। ସପ୍ତାହକୁ ପାଞ୍ଚ ଦିନ ଡିବିରି ଆଲୁଅ ଭରସା। ଓଡ଼ିଶା ପର୍ଯ୍ୟଟନ ବିଭାଗରେ ସ୍ଥାନ ପାଇଛି ମର୍ଦ୍ଦିଗୁଡ଼ା। ବିଭାଗ ସେଠାରେ ଓଡ଼ିଶା ଟୁରିଜମ୍ ବୋଲି ଲେଖାଥିବା ଏକ ସାଇନ ବୋର୍ଡ ପୋତି କାମ ସାରିଦେଇଛି। ପର୍ଯ୍ୟଟକଙ୍କୁ ଆକୃଷ୍ଟ କଲାଭଳି କୌଣସି ବ୍ୟବସ୍ଥା କିନ୍ତୁ ସେଠାରେ କରାଯାଇନାହିଁ। ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ଦେବା ପରେ ପର୍ଯ୍ୟଟନ ବିଭାଗ ଭୁଲିଗଲା ଭଳି ଲାଗୁଛି। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଭଳି କିଛି ବ୍ୟବସ୍ଥା କରି ସ୍ଥାନୀୟ ଅଧିବାସୀଙ୍କୁ ପର୍ଯ୍ୟଟନ ଶିଳ୍ପର ଅନ୍ତତଃ ସ୍ୱଳ୍ପ ଫାଇଦା ଯୋଗାଇବା ଅଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ଏ ନେଇ ବିଡିଓ ଶୁଭକାନ୍ତ ନାୟକଙ୍କୁ ପଚାରିବାରୁ ମର୍ଦ୍ଦିଗୁଡା ଗ୍ରାମର ବିଭିନ୍ନ ସମସ୍ୟା ରହିଛି, ସେ ସବୁର ସମାଧାନ ପର୍ଯ୍ୟାୟକ୍ରମେ କରା ଯାଉଛି ବୋଲି କହିଥିଲେ। କିନ୍ତୁ ପର୍ଯ୍ୟଟନ କ୍ଷେତ୍ର ହିସାବରେ ବିକାଶ ପାଇଁ ବ୍ଲକ ପକ୍ଷରୁ ବର୍ତ୍ତମାନ କୌଣସି ବ୍ୟବସ୍ଥା ନାହିଁ ବୋଲି ସେ ପ୍ରକାଶ କରିଛନ୍ତି।


ଇନ୍ଦ୍ରାବତୀ ନଦୀର ଉତ୍ପତ୍ତିସ୍ଥଳ ।

**ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ମିଳିଛି ସ୍ଥାନ**

## ସଂକ୍ଷେପରେ

### ବିଭିନ୍ନ ପ୍ରକଳ୍ପ ପରିଦର୍ଶନକଲେ ଜିଲା ପରିଷଦ ମୁଖ୍ୟ

ଉମରକୋଟ, ୧୫।୧(ସ୍ୱ.ପ୍ର.)-ନବରଙ୍ଗପୁର ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅନ୍ୟା ଦାସ ଉମରକୋଟ ବ୍ଲକର ବିଭିନ୍ନ ଅଞ୍ଚଳ ପରିଦର୍ଶନକରି ଉନ୍ନୟନ କାର୍ଯ୍ୟ ସମୀକ୍ଷା କରିଛନ୍ତି। ଭାମିନିଠାରେ ମିଶନ ଶକ୍ତି ଆନୁକୂଲ୍ୟରେ ମା’ ଖଡ଼ିଆ ଭୀମା ଏସ୍‌ଏଚ୍‌ଜି ଦ୍ୱାରା କରାଯାଇଥିବା ଛତୁଚାଷ କ୍ଷେତ୍ର ପରିଦର୍ଶନ କରିଥିଲେ। ଅଧିକ ଉତ୍ପାଦନ ପାଇଁ ସେମାନଙ୍କୁ ତାଲିମ ଏବଂ ଆବଶ୍ୟକ ଉପକରଣ ଯୋଗାଇଦେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସେ ଭାମିନିରେ ଥିବା ୫-ଟି ସ୍କୁଲ ପରିଦର୍ଶନକରି ସେଠାକାର ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଭାସ୍କେଲ ଡ୍ୟାମ୍ ନିକଟରେ ଥିବା ଗ୍ରାମୀଣ ପାର୍କ ପରିଦର୍ଶନ କରି କିଭଳି ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ସେନେଇ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପୂଜାରୀଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବା ସହ ସେଠାରେ ଚାଲିଥିବା ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉଦ୍ୟାନର ନିର୍ମାଣ କାର୍ଯ୍ୟ ତଦାରଖ କରି ସନ୍ତୋଷ ପ୍ରକଟ କରିଥିଲେ। ସେ ଭାମିନି ପଞ୍ଚାୟତର ଗୁଛାଗୁଡ଼ା ଗାଁରେ ସାଧୀନ ମହିଳା ମଣ୍ଡଳ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ପାଉଁରୁଟି ତିଆରି ସେଣ୍ଟର ବୁଲି ଦେଖିଥିଲେ। ଏହି ଗୋଷ୍ଠୀକୁ ନୂତନ ମେଶିନ ସହ ତାଲିମ ଦେବାକୁ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେଠାରୁ ଦର୍ଗାଗୁଡ଼ା ଗସ୍ତକରି ସେଠାରେ ଚିତ୍ତରଞ୍ଜନ ପରିଡ଼ାଙ୍କ ପିଞ୍ଜରା ଭିତରେ ଅଣ୍ଡା ଦିଆ କୁକୁଡ଼ା ପାଳନ ଏବଂ ଗାଈ ଫାର୍ମ ପରିଦର୍ଶନ କରିଥିଲେ। ଉନ୍ନୟନ ଅଧିକାରୀଙ୍କ ସହ ଉମରକୋଟ ବିଡିଓ ଡ. ହିମାଞ୍ଚଳ ମାଝି, ଜିଲା ପରିଷଦ କାର୍ଯ୍ୟାଳୟ ପ୍ରୋଗ୍ରାମ ଅଫିସର ରାଜେଶ ପଟ୍ଟନାୟକ, ଏପିଡି ଅଶ୍ୱିନ ପଟ୍ଟନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ସଙ୍କେତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଫକୀର ମୋହନଙ୍କ ଜୟନ୍ତୀ

ଗୁଣପୁର,୧୫।୧(ଡି.ଏନ.ଏ.)- ଗୁଣପୁରଠାରେ ବଂଶଧାରା ସାହିତ୍ୟ ସମାଜ ପକ୍ଷରୁ ମକର ମିଳନ ସହ ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି। ସାହିତ୍ୟ ସମାଜର ସଭାପତି ପ୍ରଭାତ କୁମାର ଶତପଥୀଙ୍କ ଅଧକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୀମାଞ୍ଚଳ କର ଏବଂ ବକ୍ତାଭାବେ ସାହିତ୍ୟିକ ପ୍ରତାପ କୁମାର ରାୟ ମଞ୍ଚାସୀନ ରହି ମକର ମିଳନର ତାତ୍ପର୍ଯ୍ୟ ସହ ଫକୀର ମୋହନଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। କବି ଅଶ୍ୱିନୀ ତ୍ରିପାଠୀ ସ୍ୱାଗତ ଭାଷଣ ରଖିଥିଲେ। ଏହି ଅବସରରେ କବିତା ପାଠ ହୋଇଥିଲା। ସମ୍ପାଦକ ରମେଶ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ଶେଷରେ ଶାନ୍ତିଲତା ଶତପଥୀଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ମକର ଚାଉଳ ସେବନ କରାଯାଇଥିଲା।

### ଅଷ୍ଟ ପ୍ରହର ନାମଯଜ୍ଞ ନେଇ ପ୍ରସ୍ତୁତି ବୈଠକ

ଗୁଣପୁର,୧୫।୧(ଡି.ଏନ.ଏ.)-ରାୟଗଡା ଜିଲା ଗୁଣପୁର ବ୍ଲକରେ ଆସନ୍ତା ୨୮ରେ ହେଉଥିବା ତିଳସପ୍ତମୀ ଅବସରରେ ଅଷ୍ଟପ୍ରହର ନାମଯଜ୍ଞ କରାଯିବାକୁ ଏକ ପ୍ରସ୍ତୁତି ବୈଠକ ରବିବାର କଲେଜ ନିକଟ କାଶୀ ବିଶ୍ୱନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଜାଗୃତି ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମ କିପରି ସୂଚାରୁରୂପେ ସମ୍ପନ୍ନ ହେବ ସେନେଇ ଆଲୋଚନା ହୋଇଥିଲା। ସଙ୍ଗଠନର ସଭାପତି ମନୋରଞ୍ଜନ ରଥଙ୍କ ଅଧକ୍ଷତାରେ ହୋଇଥିବା ଏହି ବୈଠକରେ ରାମେଶ୍ୱର ନଗର, ଶେଖର ନଗର, ନିଳଚକ୍ର ନଗର, ଗୋପାଳ ନଗର ଏବଂ ବିନାୟକ ନଗରର ଅଧିବାସୀଙ୍କ ସମେତ ଜାଗୃତି ସାଂସ୍କୃତିକ ସଙ୍ଗଠନର କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ଥିଲେ। ୨୭ ରେ ଅଧିବାସ,୨୮ରେ ଅଷ୍ଟ ପ୍ରହର ଏବଂ ୨୯ରେ ନଗର ସଂକୀର୍ତ୍ତନ କରାଯିବାକୁ ବୈଠକରେ ସ୍ଥିର ହୋଇଥିଲା। ଏହି ଅବସରରେ ରମେଶ ଚନ୍ଦ୍ର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଏକ ପରିଚାଳନା କମିଟି ଗଠନ କରାଯାଇଥିଲା।

# ବିବେକାନନ୍ଦଙ୍କ ବାର୍ତ୍ତା, ବିଚାରକୁ ସବୁଠି ପହଞ୍ଚାଇବା ଲକ୍ଷ୍ୟ

**ରାୟଗଡ଼ା ଅଫିସ/ ରାୟଗଡ଼ା (ସ୍ୱ.ପ୍ର.), ୧୫।୧**

ସ୍ୱାମୀ ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ରାୟଗଡା ଶାଖା ପକ୍ଷରୁ ସ୍ଥାନୀୟ କେନ୍ଦ୍ରଠାରେ ସହସ୍ରାଧିକ ରାଷ୍ଟ୍ରପ୍ରେମୀଙ୍କ ଗହଣରେ ସ୍ୱାମୀ ବିବେକାନନ୍ଦ ରଥ ପରିକ୍ରମା କରିଥିଲା। ଏହି ରଥ ସକାଳ ୯.୩୦ରେ ଜିସିଡି ହାଇସ୍କୁଲ ନିକଟ ଗାନ୍ଧୀ ପାର୍କରୁ ଏକ ପଦଯାତ୍ରାରେ ବାହାରି ରାୟଗଡା ନଗର ପରିକ୍ରମା କରି ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ବିଦ୍ୟାଳୟ ପଡ଼ିଆଠାରେ ପହଞ୍ଚି ଥିଲା। ସମାଜର ବିଭିନ୍ନ ବର୍ଗର କୃଷକ, ଛାତ୍ରୀଛାତ୍ର, ବ୍ୟବସାୟୀ ଆବାଳ ବୃଦ୍ଧବନିତା ଯୋଗ ଦେଇଥିଲେ। ସ୍ୱାମୀ ବିବେକାନନ୍ଦଙ୍କ ବାର୍ତ୍ତା ଏବଂ ବିଚାରକୁ ଦେଶର କୋଣ ଅନୁକୋଣରେ ପହଞ୍ଚାଇ ସକାରାତ୍ମକ ବ୍ୟବସ୍ଥା ପରିବର୍ତ୍ତନ ମାଧ୍ୟମରେ ରାଷ୍ଟ୍ରକୁ ବୈଭବଶାଳୀ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ରାୟଗଡ଼ା ସ୍ୱାଗତ ସମିତିର ଯୋଗେଶ୍ୱର ଦାସ ଏବଂ ବିଜୟ ଚୌଧୁରୀଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସନ୍ଥ ଯୋଗୀ ଚୈତନ୍ୟ ରାମଜୀ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଆର୍‌ଏସ୍‌ଏସ୍ ପୂର୍ଣ୍ଣକାଳୀନ ପ୍ରଚାରକ ତଥା ପ୍ରାନ୍ତଃ ସେବା ପ୍ରମୁଖ, ପ୍ରଧାପକ ଡ. ଦୁଷ୍ମନ୍ତ ମହାନ୍ତି, ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘ ରାଜ୍ୟ ସଭାପତି ତଥା ସକ୍ଷମର ପ୍ରାନ୍ତଃ ଉପଦେଷ୍ଟା, ଇମ୍ଫାର ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ଶକ୍ତି ପ୍ରସାଦ ପାଣିଗ୍ରାହୀ, ବରିଷ୍ଠ ଆଇନଜୀବୀ ବ୍ରଜସୁନ୍ଦର ନାୟକ, ଅଧିବକ୍ତା ପରିଷଦର ଜିଲା ପ୍ରମୁଖ କିଶୋର ସାହୁ , ବରିଷ୍ଠ ଆଇନଜୀବୀ ପଦ୍ମନାଭ ଦାଶ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଗଣେଶ କୁମାର ସାହୁ , ସୁରେଶ କୁମାର ଫୁଦନାନି, ଅର୍ଜୁନ ଯାଦବ, ଦୁର୍ଗା ମାଧବ ଘୋଷ, ପରମାନନ୍ଦ ପ୍ରଧାନ, ଆର୍‌ଏସ୍‌ଏସ୍ ଜିଲା ପ୍ରଚାରକ ପ୍ରଭାତ ମହାପାତ୍ର, ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।



ପଦଯାତ୍ରା ନଗର ପରିକ୍ରମା କରୁଛି।

# ମଝି ଘରିଆଣୀଙ୍କ ମନ୍ଦିରରୁ ବାହାରିବ ଚଇତି ମଶାଲ



ଖବରଦାତା ସମ୍ମିଳନୀରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ।

**ରାୟଗଡ଼ା ଅଫିସ/ରାୟଗଡ଼ା (ସ୍ୱ.ପ୍ର.),୧୫।୧**

ଲୋକ ମହୋତ୍ସବ ଚଇତିକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାପାଳ ସ୍ୱଧା ଦେବ ସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ୧୮ ତାରିଖ ଦିନ ୨ ଟାରେ ରାୟଗଡାର ଅଧିଷ୍ଠାତ୍ରୀ ଦେବୀ ମାଁ ମଝି ଘରିଆଣୀଙ୍କ ପାଖରୁ ଚଇତି ମଶାଲ ବାହାରିବ। ମହୋତ୍ସବରେ ସହରର ଟ୍ରାଫିକ ବ୍ୟବସ୍ଥା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ଭିଡ଼ ନିୟନ୍ତ୍ରଣ ପାଇଁ ଟ୍ରାଫିକ ଜାଗା ଚିହ୍ନଟ ହୋଇଛି। ଅଭିନନ୍ଦନ ମଣ୍ଡପ, ଜିଲା ମୁଖ୍ୟ ଚିକିତ୍ସାଳୟ ଏପରି ଜାଗାଗୁଡିକରେ ୪ ଚକିଆ ୨ ଚକିଆ ଯାନ ରଖିବା ବ୍ୟବସ୍ଥା କରାଯାଇଛି। ୯ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବ ଏହା ଛଡା ବିଦ୍ୟାଳୟସ୍ତରରେ ରହିଥିବା ଏନ୍‌ସିସି ଛାତ୍ରୀଛାତ୍ରଙ୍କୁ ନିୟୋଜତି କରାଯିବ। ଏଏସ୍‌ଆଇ ୪୫, ୪୭ ହାବିଲଦାର, ଡିଏସପି ୮ ଜଣ, ଅତିରିକ୍ତ ଏସ୍‌ପି ରହିବେ। ସ୍ଥାନୀୟ କଳାକାରଙ୍କର ଲୁକ୍କାୟିତ ପ୍ରତିଭାକୁ ପ୍ରୋତ୍ସାହନ ମିଳିବ। ବାହାର କଳାକାରଙ୍କୁ ଆମନ୍ତ୍ରଣ କରାଯିବ ବୋଲି କାର୍ଯ୍ୟକ୍ରମରେ ଆଲୋଚନା ହୋଇଛି। ଏସ୍‌ପି ବିବେକାନନ୍ଦ ଶର୍ମା, ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### କ୍ଷେଶନରେ ମହିଳାଙ୍କୁ ଦୁର୍ବ୍ୟବହାର, ୨ ଯୁବକଙ୍କୁ ଛେଚିଲେ ଲୋକେ

**ଗୁଣପୁର,୧୫।୧(ଡି.ଏନ.ଏ)–**

ରାୟଗଡା ଜିଲା ଗୁଣପୁର ରେଳ ଷ୍ଟେଶନରେ ଦୁଇଜଣ ଅଚିହ୍ନା ଯୁବକ ଜଣେ ମହିଳା ଯାତ୍ରୀଙ୍କୁ ଦୁର୍ବ୍ୟବହାର କରିବା ନେଇ ରବିବାର ସ୍ଥାନୀୟ ଲୋକଙ୍କଠାରୁ ପ୍ରବଳ ମାଡ଼ ଖାଇଛନ୍ତି। ଏହି ୨ ଯୁବକ ତାଙ୍କୁ ଟଙ୍କା ମାଗି ବିଭିନ୍ନ ଧମକଚମକ ଦେଉଥିଲେ। ଏହା ଜଣାପଡିବା ପରେ ଉଭୟଙ୍କୁ ଲୋକେ ବିଦ୍ୟୁତ ଖୁଣ୍ଟରେ ବାନ୍ଧି ପିଟିଥିଲେ। ଖବର ପାଇ ଗୁଣପୁର ପୋଲିସ ଘଟଣା ପହଞ୍ଚି ମାଡ଼ ଖାଉଥିବା ୨ ଯୁବକଙ୍କୁ ଲୋକଙ୍କ କବଳରୁ ଉଦ୍ଧାର କରି ଥାନାକୁ ନେଇଥିଲା। ସେମାନଙ୍କୁ ପଚରାଉଚରା କରିଥିଲା। ତେବେ ଘଟଣା ନେଇ କୌଣସି ଅଭିଯୋଗ ହୋଇ ନଥିବାରୁ ସେମାନଙ୍କୁ ଛାଡି ଦିଆଯିବ ବୋଲି ଆଇଆଇସି ନିଳାମ୍ବର ଜାନି କହିଛନ୍ତି। ଉଭୟ ଯୁବକ ମଦ୍ୟପାନ କରିଥିଲେ। ପଲାସାରୁ ପାରଳାଖେମୁଣ୍ଡିକୁ ବିଦ୍ୟୁତ ତାର ୱାରିଂ କରିବାକୁ ଆସି ଟ୍ରେନରେ ଶୋଇ ପଡିଥିଲେ। ଫଳରେ ସେମାନେ ଗୁଣପୁର ଚାଲି ଆସିଥିଲେ। ଗୁଣପୁର ଷ୍ଟେଶନରେ ସେମାନେ ମହିଳାଯାତ୍ରୀ ଦୁର୍ବ୍ୟବହାର କରି ଲୋକଙ୍କ ରୋଷର ଶିକାର ହୋଇଥିଲେ।

### ବ୍ରାହ୍ମଣ ସମାଜର ନଗର ସମ୍ମିଳନୀ

**ଗୁଣପୁର,୧୫।୧(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ବ୍ରାହ୍ମଣ ସମାଜର ନଗର ସମ୍ମିଳନୀ ଏବଂ ମକର ମିଳନ ଉତ୍ସବ ଗୁଣ୍ଡିଚା ମନ୍ଦିର ନିକଟସ୍ଥ ଆମ୍ବତୋଟାସ୍‌ରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ହୋମ ଯଜ୍ଞ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ଆସନ୍ତା ତିନିବର୍ଷ ପାଇଁ ବ୍ରାହ୍ମଣ ସମାଜର କର୍ମକର୍ତ୍ତା ଚୟନ କରାଯାଇଥିଲା। ନଗର ସଭାପତି ଭାବେ ପତିତପାବନ ପାଢ଼ୀ, କାର୍ଯ୍ୟକାରୀ ସଭାପତି ନରସିଂହ ଶତପଥୀ, ଉପସଭାପତି ଲୋକନାଥ ପାଢ଼ୀ, ଶିବ ପ୍ରସାଦ ମିଶ୍ର, ସାଧାରଣ ସମ୍ପାଦକ ତ୍ରିପତି ରଥ, ସହ ସମ୍ପାଦକ ଶ୍ରୀନିବାସ ଖାଡଙ୍ଗା, ଅନିଲ ଶତପଥୀ, କୋଷାଧକ୍ଷ ପଞ୍ଚାନନ ପଣ୍ଡା, କାର୍ଯ୍ୟାଳୟ ସମ୍ପାଦକ ରୂପେ କେଦାର ସାହୁ ଚୟନ ହୋଇଛନ୍ତି। ସେହିପରି ଜୋନ ପ୍ରମୁଖ ସଂଯୋଜକ ଅଜିତ ପଣ୍ଡା ହୋଇଛନ୍ତି। କାର୍ଯ୍ୟକ୍ରମକୁ ଡ.ପ୍ରଶାନ୍ତ ହୋତା, ଉମା ଶଙ୍କର ଦାଶ,ରଞ୍ଜିତ ପାଢ଼ୀ, ଦୁର୍ଗା ପାଣିଗ୍ରାହୀ, ରମେଶ ମିଶ୍ର, କୃଷ୍ଣ ମିଶ୍ର, ଗଜା ପାଲ, ଅଶୋକ କର, ରିଙ୍କୁ ଦାଶ, ଦେବାଶିଷ ସାହୁ, ସତ୍ୟ ମିଶ୍ର, ମୁନା ପାଣି, ପୀତାମ୍ବର ପଣ୍ଡା, ନୁନୁ ପାଢ଼ୀ, ବିମଳ ମିଶ୍ର, କାହ୍ନୁପାଢ଼ୀ, ଅମ୍ବିକାରାଣୀ ମହାପାତ୍ର, ନନ୍ଦିନୀ ପଣ୍ଡା ପରିଚାଳନା କରିଥିଲେ। ମହିଳାମାନଙ୍କୁ ନେଇ ନୃତ୍ୟ,ସଙ୍ଗୀତ , ହୁଳହୁଳି, ଶଙ୍ଖ ଫୁଙ୍କା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦାୟୀ ସଭାପତି ପବିତ୍ର ସାହୁଙ୍କ ଅଧକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ସଦାନନ୍ଦ ପଣ୍ଡା, ସଙ୍ଗଠନ ସମ୍ପାଦକ ଦୁର୍ଗା ପାଣିଗ୍ରାହୀ, ଯୁଗ୍ମସମ୍ପାଦକ କୈଳାସ ମିଶ୍ର ଉପସ୍ଥିତ ଥିଲେ।

### ୨୦୦୮ ବ୍ୟାଚ ବନ୍ଧୁମିଳନ

**ଉମରକୋଟ, ୧୫।୧(ସ୍ୱ.ପ୍ର.)**

ଉମରକୋଟ ସଦାଶିବ ସୁକୁମାର ଉଚ୍ଚ ବିଦ୍ୟାଳୟର ୨୦୦୮ ବ୍ୟାଚ ପିଲାମାନେ ସ୍ଥାନୀୟ ଆମ୍ବ ବଗିଚାରେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ କରିଛନ୍ତି। ସୁଦେବ ନନ୍ଦୀ, ବଳରାମ ଶର୍ମା, ଲଳିତ ସେଠୀଙ୍କ ପ୍ରଚେଷ୍ଟା ଏବଂ ସମସ୍ତଙ୍କ ସହଯୋଗରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପ୍ରଥମ କରି ଦୀର୍ଘ ୧୫ ବର୍ଷ ପରେ ଏକ ବନ୍ଧୁ ମିଳନ ସମାହର ର ଆୟୋଜନ ହୋଇଥିଲା। ମୃତ୍ୟୁବାଣ କରିଥିବା ଆନନ୍ଦ ମାଝି, କେ.କେଦାର ନାଥ ଓ ଏହମାଦ ରଜାଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା କରାଯାଇଥିଲା। ଉମରକୋଟର ବିକାଶ ପାଇଁ ସମସ୍ତେ ଶପଥ ନେଇଥିଲେ। ପ୍ରାୟ ୭୦ ଜଣ ଉପସ୍ଥିତ ଥିଲେ।

# ରାୟଗଡ଼ା ବୁଲିଲେ ଫ୍ରାନ୍ସର ୨ ପର୍ଯ୍ୟଟକ

**ରାୟଗଡ଼ା, ୧୫।୧(ସ୍ୱ.ପ୍ର.)**

କରୋନା କଟକଣା ଉଠିବା ପରଠୁ ରାୟଗଡ଼ା ଜିଲାରେ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ଚଳିତ ବର୍ଷ ବୃଦ୍ଧି ପାଇଛି । ହେଲେ ସେମାନଙ୍କ ଉପରେ କୌଣସି କଟକଣା ରହୁନାହିଁ । ଫଳରେ ବିଦେଶୀ ପର୍ଯ୍ୟଟକ ନିଜ ମନ ମୁତାବକ ବୁଲିବା ସହିତ ଫଟୋ ଉତ୍ତୋଳନ କରୁଥିବା ଦେଖିବାକୁ ମିଳୁଛି। ଏଭଳିକି ସେମାନେ ଅନେକ ସମ୍ବେଦନଶୀଳ ଅଞ୍ଚଳକୁ ମଧ୍ୟ ଗସ୍ତ କରୁଛନ୍ତି। ବିଦେଶୀ ପର୍ଯ୍ୟଟକଙ୍କ ପାଇଁ ରହିଥିବା ସରକାରୀ ନିୟମର ଖୋଲାଖୋଲି ଉଲ୍ଲଘଂନ ହେଉଛି। ଫ୍ରାନ୍ସ ଦେଶର ଦୁଇ ପର୍ଯ୍ୟଟକ ରାୟଗଡ଼ା ଜିଲାରେ ବୁଲିବା ପରେ ବସ ଯୋଗେ ରବିବାର କୋରାପୁଟ ଯାଇଛନ୍ତି। ସେମାନେ ତିନି ଦିନ ଧରି ରାୟଗଡ଼ାରେ ଥିଲେ। ଉକ୍ତ ଦୁଇ ପର୍ଯ୍ୟଟକ ହେଲେ ଗେମତ ଗିଲ୍ସ ଓ ଲେଣ୍ଡୋଭର ଆନିଚ। ଏହି ଦୁଇଜଣ ଆଦିବାସୀ ଅଞ୍ଚଳ ବୁଲିବା ସହିତ ସେଠାରୁ କିଛି ତଥ୍ୟ ସଂଗ୍ରହ ପାଇଁ ଫ୍ରାନ୍ସରୁ ଆସିଛନ୍ତି। ଜିଲାରେ କୌଣସି ପର୍ଯ୍ୟଟନ ଅଧିକାରୀ ନଥିବା ବେଳେ ବିଦେଶୀ ପର୍ଯ୍ୟଟକ ଭ୍ରମଣରେ ଆସୁଛନ୍ତି। ସେମାନଙ୍କ କୌଣସି ତଥ୍ୟ ପୋଲିସ ନିକଟରେ ରହୁନି। ସେମାନେ ଆଦିବାସୀ ଅଳଙ୍କାର ମଧ୍ୟ କିଣିଛନ୍ତି। କୋରାପୁଟରେ ୩ଦିନ ରହି ବିଭିନ୍ନ ଗାଁ ବୁଲିବେ ବୋଲି ବିଦେଶୀ ପର୍ଯ୍ୟଟକମାନେ କହିଛନ୍ତି। ଉଭୟ ରାୟଗଡ଼ା ଓ କୋରାପୁଟ ମାଓବାଦୀ ପ୍ରବଣ ଜିଲା। ସୁରକ୍ଷା ଦୃଷ୍ଟିରୁ ବିଦେଶୀ ପର୍ଯ୍ୟଟକଙ୍କ ସମସ୍ତ ତଥ୍ୟ ରହିବା ଜରୁରୀ। ଅଷ୍ଟ୍ରେଲିଆ, ଫ୍ରାନ୍ସ, ଜର୍ମାନୀ ଆଦି ଦେଶରୁ ଅବିଭକ୍ତ କୋରାପୁଟ ଜିଲାକୁ ବିଦେଶୀ ପର୍ଯ୍ୟଟକମାନେ ଆସିଥାନ୍ତି। ଜିଲା ପ୍ରଶାସନ ଏବଂ ପୋଲିସ ସେମାନଙ୍କ ତଥ୍ୟ ରଖିବା ଆବଶ୍ୟକ ବୋଲଇ ବୁଦ୍ଧିଜୀବୀମାନେ କହିଛନ୍ତି। ଗତ ମାସରେ ୨ ରୁଷୀୟ ପର୍ଯ୍ୟଟକଙ୍କ ମୃତ୍ୟୁ ରାୟଗଡ଼ା ପୋଲିଦ, ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଥିଲା। ଏନେଇ ରାୟଗଡ଼ା ଟାଉନ ଥାନାଧିକାରୀ ରଶ୍ମୀ ରଞ୍ଜନ ପ୍ରଧାନଙ୍କୁ ପଚାରିବାରୁ ଗତ ତିନି ଚାରି ଦିନ ତଳେ ଦୁଇ ପର୍ଯ୍ୟଟକ ଆସିଥିଲେ। ରାୟଗଡ଼ାକୁ ଆସୁଥିବା ପ୍ରତ୍ୟେକ ବିଦେଶୀ ପର୍ଯ୍ୟଟକଙ୍କ ସମସ୍ତ ତଥ୍ୟ ପୋଲିସ ନିକଟରେ ରହୁଛି ବୋଲି ସେ କହିଛନ୍ତି।


ଫ୍ରାନ୍ସରୁ ଆସିଥିବା ପର୍ଯ୍ୟଟକ ।

**ରବିବାର ବସ୍‌ରେ ଗଲେ କୋରାପୁଟ**

# ବିଭିନ୍ନ ପ୍ରକଳ୍ପର ଭୂମିପୂଜା କଲେ ମନ୍ତ୍ରୀ

**ଡାବୁଗାଁ, ୧୫।୧(ଡି.ଏନ.ଏ.)**

ନବରଙ୍ଗପୁର ଜିଲା ବୋରିଗାଁ ମିନି ଷ୍ଟାଡିୟାମଠାରେ ରବିବାର ବିଭିନ୍ନ ପ୍ରକଳ୍ପର ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ଅନ୍ତର୍ଗତ ତାରାଗାଁ ଜଙ୍କସନଠାରୁ ଡାବୁଗାଁ ବ୍ଲକ ସୀମା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଓ ବୋରିଗାଁଠାରେ ନୂତନ +୨ କଲେଜ ନିର୍ମାଣ ପାଇଁ ଭୂମିପୂଜନ ହୋଇଥିଲା। ରାଜ୍ୟ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟଅତିଥି ଭାବେ ଯୋଗଦେଇ ଭୂମି ପୂଜନ ସହ ପ୍ରକଳ୍ପଗୁଡିକର ଶିଳାନ୍ୟାସ କରିଛନ୍ତି। ଏଥିରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଜିଲା ପରିଷଦ ଅଧକ୍ଷ ମୋତିରାମ ନାୟକ, ଡାବୁଗାଁ ବ୍ଲକ ଅଧକ୍ଷା ବୀଣା ମାଝି, ଉପାଧକ୍ଷ ସଦାନନ୍ଦ ନାୟକ, ଜିଲା ପରିଷଦ ସଭ୍ୟ ଧନସିଂ ଭତ୍ରା, ଏମ୍‌ପି ପ୍ରତିନିଧି ଏମ୍. ଆପ୍ପା ରାଓ, ରାଜ୍ୟସଭା ଏମ୍‌ପି ପ୍ରତିନିଧି ରାମରାଓ ଚୌଧୁରୀ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ମିଶ୍ର , ବିଧାୟକ ପ୍ରତିନିଧି ଏମ. ବୁଲୁ ରାଓ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ମନ୍ତ୍ରୀ, ବିଧାୟକ ଓ ଅନ୍ୟ ଅତିଥିମାନେ ।

# ଆନ୍ତଃରାଜ୍ୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ପାପଡାହାଣ୍ଡି,୧୫।୧(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ନୂଆକୋଟରେ ଚାଲିଥିବା କେ. କଲ୍ୟାଣୀ ପାତ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲରେ ଚିଚିଆ ଶଙ୍କର ୧୧ଦଳ ଟିଟଲାଗଡ଼ ଦଳକୁ ଏକ ଉଇକେଟରେ ପରାସ୍ତ କରିଥିଲା। ଗତ ୫ ତାରିଖରୁ ଏହି ଟୁର୍ନାମେଣ୍ଟ ଚାଲିଥିଲା। ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଆଇନ ତଥା ଆଦିବାସୀ ଜାତି ଓ ଜନଜାତି ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ଏମ୍‌ପି ରମେଶ ଚନ୍ଦ୍ର ମାଝୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଜିଲା ପରିଷଦ ଅଧକ୍ଷ ମୋତିରାମ ନାୟକ, ପୂର୍ବତନ ବିଧାୟକ ଭୁଜବଳ ମାଝି, ଉପାଧକ୍ଷ ସୁଶାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଟିଟିଲାଗଡ଼ ପ୍ରଥମେ ବ୍ୟାଟିଂ କରି ସାତ ଉଇକେଟ ହରାଇ ୧୫୨ ରନ କରିଥିଲା। ଜବାବରେ ଚିଚିଆ ଶଙ୍କର ୧୧ଦଳ ୧୫୩ ରନ କରି ବିଜୟୀ ହୋଇଛି। ବିଜୟୀ ଦଳକୁ ୫୫,୫୫୫ ଟଙ୍କା ସହ ଟ୍ରଫି ଓ ପରାଜୟ ଦଳକୁ ୩୩,୩୩୩ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଟୁର୍ନାମେଣ୍ଟରେ ୧୬ଟି ଟିମ୍ ଭାଗ ନେଇଥିଲେ। ଟିଟିଲାଗଡ଼ର ରିଙ୍କୁ ସୁନା ମ୍ୟାନ ଅଫ ଦି ସିରିଜ ହୋଇଥିଲେ। କେ. ଶ୍ୟାମବାବୁ ପାତ୍ର , ବିଦ୍ୟାଧର ମଲ୍ଲିକ, ଏମ୍. ଆପ୍ପା ରାଓ, ସରୋଜ ଜାଲ, ସହଦେବ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ମ୍ୟାଚକୁ ନୁଆକୋଟ କ୍ରିକେଟ କ୍ଲବ ପରିଚାଳନା କରିଥିଲେ। ମୈଦଲପୁର ପୋଲିସ ଏବଂ ପାପଡ଼ାହାଣ୍ଡି ପୋଲିସ ଶାନ୍ତି ଶୃଙ୍ଖଳା ପାଇଁ ଥିଲେ। ନୁଆକୋଟ କମିଟି ପକ୍ଷରୁ ସମସ୍ତ ପ୍ରକାର ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳିମାନେ।

# ମକା ନଡ଼ା ବ୍ୟବହାର କରି ମୂଲ୍ୟଯୁକ୍ତ ସାମଗ୍ରୀ ପ୍ରସ୍ତୁତ ଲକ୍ଷ୍ୟ

**ନବରଙ୍ଗପୁର,୧୫।୧(ବି.ପ୍ର.)**

ନବରଙ୍ଗପୁର ଜିଲା ସାମାଜିକ ଓ ଆର୍ଥିକ ବିକାଶ କାର୍ଯ୍ୟକ୍ରମରେ ଅଧିକ ହିତାଧିକାରୀଙ୍କୁ ସାମିଲ କରିବା ଲକ୍ଷ୍ୟରେ ଖଣିଜ ଓ ବସ୍ତୁ ପ୍ରଯୁକ୍ତି ବିଜ୍ଞାନ ପ୍ରତିଷ୍ଠାନ ନିର୍ଦ୍ଦେଶକ ପ୍ରଫେସର ଶୁଦ୍ଧସ୍ୱତ ବାସୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାର ବିଭିନ୍ନ ବ୍ଲକ ପରିଦର୍ଶନ କରିଛି।

ଇନ୍ଦ୍ରାବତୀ ବୁଡ଼ି ଅଞ୍ଚଳରେ ବିକାଶର ନୂତନ ସମ୍ଭାବନାକୁ ଅନୁଧ୍ୟାନ କରିବା ସହ ଜିଲାର ଆମ୍ବୁ, ସୁଗନ୍ଧି ଫସଲ ଓ ମାଛ ଚାଷ, ଉଦ୍ୟୋଗୀ ବିକାଶ ଦିଗରେ ନୂତନ ଯୋଜନା କାର୍ଯ୍ୟକାରୀ କରିବା ନେଇ ଜିଲାପାଳ ଡ. କୋମଳ ଲୋଚନ ମିଶ୍ର ଓ ଜିଲା ଅଧିକାରୀଙ୍କ ସହିତ ବିସ୍ତୃତ ଆଲୋଚନା କରାଯାଇଥିଲା ।

ମାର୍ଚ୍ଚ ଶେଷ ସୁଦ୍ଧା ନବରଙ୍ଗପୁରରେ ଜିଲାର ଫଳ ଓ ପନିପରିବାରୁ ମୂଲ୍ୟଯୁକ୍ତ ସାମଗ୍ରୀ ପ୍ରସ୍ତୁତ ପାଇଁ ଜିଲା ପ୍ରଶାସନ ସହିତ ଆଲୋଚନା କରାଯାଇଥିଲା। ଜିଲାରେ ଚାଷ ହେଉଥିବା ମକା ନଡ଼ାକୁ ବ୍ୟବହାର କରି ମୂଲ୍ୟଯୁକ୍ତ ସାମଗ୍ରୀ ପ୍ରସ୍ତୁତ ଦିଗରେ ଭାରତୀୟ ପେଟ୍ରୋଲିୟମ ସଂସ୍ଥାନ ପକ୍ଷରୁ ଉମରକୋଟରେ ଏକ ପାଇଲଟ୍ ପ୍ରକଳ୍ପ ମାର୍ଚ୍ଚ ଶେଷ ସୁଦ୍ଧା କରାଯିବ। ଏ ଦିଗରେ ପ୍ରଶାସନ ସହଯୋଗ କରନ୍ତୁ ବୋଲି ନିର୍ଦ୍ଦେଶକ ବାସୁ ଅନୁରୋଧ କରିଥିଲେ। ଜୈବସାର ବ୍ୟବହାର ଓ ନୂତନମାନର ଗୁଡଭାଟି ପ୍ରତିଷ୍ଠା ଦିଗରେ ପଦକ୍ଷେପ ଗ୍ରହଣ କରିବା ନେଇ ଓରମାସ ପକ୍ଷରୁ ସହଯୋଗ ଯୋଗାଇ ଦିଆଯିବ ଆଲୋଚନା ହୋଇଥିଲା । ଏହି ପରିଦର୍ଶନରେ ଖଣିଜ ଓ ବସ୍ତୁ ପ୍ରଯୁକ୍ତି ବିଜ୍ଞାନ ପ୍ରତିଷ୍ଠାନ ପ୍ରଧାନ ବୈଜ୍ଞାନିକ ଡ. ସତ୍ୟଜିତ ରଥ, ନବରଙ୍ଗପୁର ଜିଲାରେ କାର୍ଯ୍ୟକାରୀ ହେଉଥବା ପ୍ରକଳ୍ପ ପରାମର୍ଶ ଅଧିକାରୀ ସନ୍ତୋଷ କୁମାର ମିଶ୍ର, ପ୍ରଧାନ ବୈଷୟିକ ଅଧିକାରୀ ବିଭୁଦତ୍ତ ପ୍ରଧାନ, ବିଜ୍ଞାନ ଓ କାରିଗରି ବିଦ୍ୟା ପ୍ରକଳ୍ପ କ୍ରିୟାନ୍ୱୟନ କମିଟି ସଦସ୍ୟ ଲକ୍ଷ୍ମୀନାରାୟଣ ବକ୍ସି ଉପସ୍ଥିତ ଥିଲେ।


ଖଣିଜ ଓ ବସ୍ତୁ ପ୍ରଯୁକ୍ତି ବିଜ୍ଞାନ ପ୍ରତିଷ୍ଠାନ ନିର୍ଦ୍ଦେଶକ ଆଲୋଚନା କରୁଛନ୍ତି।

